ବିଷ୍ଣୁ ସେଠୀଙ୍କ

ନଈ ପାଣି ନଈକି ପା



ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ-୯

ନଈ ପାଣି ନଈକି ଯା

ବିଷ୍ଣୁ ସେଠୀ
କୁଆଁସ, ଭଦ୍ରକ

ପ୍ରକାଶକ:
ଚନ୍ଦ୍ରମଣି ଭୂୟାଁ
ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରି ମଙ୍ଗଳା, କଟକ -୯

ପ୍ରକାଶ କାଳ : ୨୦୨୪


ପ୍ରଚ୍ଛଦ ଓ ଅଳଂକରଣ - ଚୂଡ଼ାମଣି ଦାସ


ଲିପି ସଂଯୋଜନା : ରବୀନ୍ଦ୍ର ମହାପାତ୍ର
ମା' ସନ୍ତୋଷୀ କମ୍ପ୍ୟୁଟର, ଭଦ୍ରକ

ମୁଦ୍ରଣ : ଜୟ ଜଗନ୍ନାଥ ପ୍ରିଣ୍ଟର୍ସ
ବିଡ଼ାନାସି, କଟକ

ଲେଖକଙ୍କ ଦ୍ୱାରା ସର୍ବସତ୍ୱ ସଂରକ୍ଷିତ

ମୂଲ୍ୟ - ୧୫୦/-
(ଏକ ଶତ ପଚାଶ ଟଙ୍କା ମାତ୍ର)





"ଯାହା ନିତ୍ୟ, ତାହା ସତ୍ୟ"

ତ୍ରୟମାସିକ ପତ୍ରିକା 'ଘାସଫୁଲ'ର ପ୍ରାଣ ପ୍ରତିଷ୍ଠାତା ବିଷ୍ଣୁ ସେଠୀଙ୍କ କର କଲମରେ ଅତି ଯତ୍ନର ସହିତ ସଜାଡ଼ି ହୋଇଥିବା କବିତା ସଂକଳନ 'ନଈ ପାଣି ନଈକୁ ଯା' ତାଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ ପ୍ରକାଶିତ ହେଉଛି । ସାହିତ୍ୟ ସାଧନାରେ ମଗ୍ନ ରହୁଥିବା, ଓଡ଼ିଆ ଭାଷାକୁ ଭଲ ପାଉଥିବା, ବିଭିନ୍ନ ପୁସ୍ତକମେଳାରୁ ପେଟି ପେଟି ବହି କିଣି ପଢ଼ିବାରେ ରୁଚି ରଖୁଥିବା ବ୍ୟକ୍ତି ଖୁବ୍ କମ ନଜରରେ ଆସନ୍ତି । ନିଜସ୍ୱ ଭାବ, ଅନୁଭବ ଓ ଅନୁଭୂତିରେ ମାର୍ଜିତ 'ନଈ ପାଣି ନଈକୁ ଯା' କବିତା ସଙ୍କଳନ କବିଙ୍କ ଚିନ୍ତା ଚେତନାର ଅଭିବ୍ୟକ୍ତି । କବିଙ୍କ ଭାବନାରୁ ପ୍ରସ୍ଫୁଟିତ ଶବ୍ଦାବଳୀ ସତେ ଅବା ମାଟି, ପାଣି, ପବନ ଓ ପ୍ରତିଟି ଜୀବସତ୍ତାର ଦିଗ୍‌ବଳୟକୁ ସ୍ପର୍ଶ କରିଛି ।

ଜଳର ଧର୍ମ ନିମ୍ନଗାମୀ ହେବା - ଏହା ବାସ୍ତବ ଓ ଚିରନ୍ତନ । ପ୍ରବହମାନ ନଦୀର ଜଳ ସମୁଦ୍ରରେ ମିଶେ, ତାହା ପୁଣି ମହାସାଗରରେ ଲୀନ ହୁଏ । କବି ବିଷ୍ଣୁ ସେଠୀ ପଞ୍ଚଭୂତରେ ଲୀନ ହୋଇଛନ୍ତି । ଯେତେବେଳେ ସେ କବିତା ଲେଖୁଥିଲେ, ସେ ସମୟରେ ତାଙ୍କ ମନକୁ ଆସିଥିବ, ଆମେ ସମସ୍ତେ ସେହି ଅମରପଥର ଯାତ୍ରୀ ।

ଦୀର୍ଘ ବର୍ଷ ରାଜନୈତିକ ପଶାପାଲିରେ ପେଶି ହୋଇ ସେ ନିରନ୍ତର ନିଜକୁ ସାହିତ୍ୟ ସେବାରେ ନିୟୋଜିତ କରିଥିଲେ । ରାଜନୀତି ଓ ସାହିତ୍ୟ ଥିଲା ତାଙ୍କର ଦୁଇ ଚକ୍ଷୁ ସଦୃଶ ।

ସାହିତ୍ୟ ତାଙ୍କ ପ୍ରତିଟି ରକ୍ତବିନ୍ଦୁରେ ପ୍ରବାହିତ ହେଉଥିଲା । ଏମିତି ସାହିତ୍ୟାନୁରାଗୀ ମଣିଷ ସଂସାରରେ ବିରଳ । 'ସାଧନା ସାହିତ୍ୟ ଏକାଡେମୀ' ନାମରେ ଏକ ଅନୁଷ୍ଠାନ ଗଢ଼ିଥିଲେ । ପ୍ରାୟ ପ୍ରତ୍ୟେକ ମାସ ସାହିତ୍ୟିକ ବନ୍ଧୁମାନଙ୍କ ସହିତ 'ଘାସଫୁଲ ଭବନ'ରେ ସାହିତ୍ୟ ଆଲୋଚନାରେ ମଗ୍ନ ରହୁଥିଲେ । ତାଙ୍କର ପ୍ରତିଟି ଜୀବନଚର୍ଯ୍ୟାରେ ସାହିତ୍ୟ-ରୂପୀ-ଫୁଲ ଫୁଟି ଉଠୁଥିଲା ।

ଆଜକୁ ଦୁଇବର୍ଷ ତଳେ ଭଗବାନ ଶ୍ରୀଗଣେଶଙ୍କର ପୂଜା ଦିବସରେ ଏମ୍ସ୍ ହସ୍ପିଟାଲରେ ସେ ବିଶେଷ ଅସୁସ୍ଥ ହୋଇପଡ଼ିଲେ । ସବୁଆଡ଼େ ଖୁସିର ଲହରୀ ଥିବାବେଳେ ଆମେ ତାଙ୍କର ସ୍କାନିଂ ରିପୋର୍ଟ କେତେବେଳେ ଆସିବ, ସେ ଭଲ ହୋଇଯିବେ ତ ! ଏହା ହିଁ ମନ ଭିତରେ ଠାକୁରଙ୍କ ପାଖରେ ପ୍ରାର୍ଥନା କରୁଥିଲୁ । ଚିକିତ୍ସିତ ଅବସ୍ଥାରେ ରୋଗଶଯ୍ୟାରେ ଥାଇ ତାଙ୍କ 'ଘାସଫୁଲ' ପତ୍ରିକାର ଶାରଦୀୟ ପୂଜା ବିଶେଷାଙ୍କ ଠିକ୍ ସମୟରେ କିପରି ପ୍ରକାଶିତ ହେବ , ଧାମନଗର ନିର୍ବାଚନମଣ୍ଡଳୀର ଶହୀଦନଗରଠାରେ ଶହୀଦ ଦିବସ ଭଲ ରୂପେ କିପରି ପାଳନ କରାଯିବ ତାହା ମଧ୍ୟ ଭାବୁଥିଲେ ।

ତାଙ୍କର ଏହି ଶ୍ରାଦ୍ଧ ବାର୍ଷିକୀରେ ମୁଁ ଅନୁଭବ କରୁଛି, ଦେଶ ମାତୃକାର ହିତ ପାଇଁ ସେ ନିଜକୁ ସମର୍ପିତ କରି ଦେଇଛନ୍ତି । ସେ ହେଉଛନ୍ତି ସତ୍‌ପଥରେ ଅଟଳ ରହୁଥିବା ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ।

ତାଙ୍କ ନୀତି, ଆଦର୍ଶ, ପ୍ରେରଣା ଆମକୁ ଆଗକୁ ବଢିବାରେ ସହାୟକ ହେଉ ଏବଂ ସେ ରଚନା କରି ଯାଇଥିବା କବିତାଗୁଡ଼ିକୁ ଯେଭଳି ପ୍ରକାଶ କରିପାରିବୁ, ପ୍ରଭୁ ଜଗନ୍ନାଥ ଆମକୁ ସାହସ ଓ ଶକ୍ତି ଦିଅନ୍ତୁ ; ଏହା ହିଁ କାମନା ।

ଉର୍ମିଳାରାଣୀ ପାଣିଗ୍ରାହୀ

❐❐❐

ସୂଚୀପତ୍ର

୦୧. ନଈଗୀତ	୦୯
୦୨. ନଈରେ ନଈରେ	୧୧
୦୩. ନଈ ଜମା ଶୁଣୁନି	୧୩
୦୪. ନଈଘାଟ	୧୫
୦୫. ବର୍ଷା	୧୭
୦୬. ବର୍ଷାର ରିୟାଜ	୧୮
୦୭. ବର୍ଷା ହେଲେ	୨୦
୦୮. ବର୍ଷା ନ ଥିଲେ	୨୧
୦୯. ଗୋଟେ କାଗଜଡଂଗାର ଆତ୍ମକାହାଣୀ	୨୩
୧୦. ସୁଆଁତି ସମୟ	୨୫
୧୧. ସାଳନ୍ଦୀ	୨୭
୧୨. ନାରୀ ନିରଂଜନା	୩୦
୧୩. ନିରାଶାର ବୈତରଣୀ	୩୨
୧୪. ଏକାଦଶାହ	୩୪
୧୫. ଲୁହର ଚିତ୍ରପଟ୍ଟ	୩୬
୧୬. ପତିତର ଉକ୍ତି	୩୭
୧୭. ଶ୍ରବଣ କୁମାରମାନେ	୪୦
୧୮. ନିଦ୍ରିତ ଆତ୍ମନ୍	୪୨
୧୯. ଆବାସ ଖଣ୍ଡେ	୫୨
୨୦. ଟ୍ରାନ୍ସଜେଣ୍ଡର	୫୪
୨୧. ସନ୍ଧି	୫୬
୨୨. ବୈକୁଣ୍ଠେ ବସିବି ନାହିଁ	୫୯
୨୩. ଡାକମୁନ୍‌ସୀ	୬୧
୨୪. କଣ୍ଠ କବିତା	୬୪
୨୫. ରାସ୍ତା ଅସରନ୍ତି	୬୬

୨୬. ମାନସାଙ୍କ ନା ଲିଖିତାଙ୍କ	୬୮
୨୭. ନଗଡ଼ା	୭୦
୨୮. ଅଦୃଶ୍ୟ ଉବାଚ	୭୨
୨୯. ଦିଅଁ ଦର୍ଶନ	୭୪
୩୦. ମାଆ ପାଇଁ ଉକ୍ତି	୭୭
୩୧. ଆଖି ନାହିଁ କାନ ଅଛି	୭୯
୩୨. ଧୂନୀ ଦିନେ ଲିଭିବ	୮୧
୩୩. ରାଧେୟ	୮୩
୩୪. ବିଚ୍ଛିନ୍ନତା	୮୫
୩୫. ଛପନ ଇଂଚର ଛାତି	୮୭
୩୬. ଘାସଫୁଲ	୮୯
୩୭. କାଶ୍ମୀର	୯୧
୩୮. ମାୟାବୀ ମାଆପୁ	୯୩
୩୯. ଉଡ଼ାଣ ଡେଣା	୯୫
୪୦. ଯାତ୍ରା	୯୭
୪୧. ଏମିତି ବିଷୁବ	୯୮
୪୨. ଯୁଦ୍ଧାନ୍ତର	୧୦୦
୪୩. ଚତୁର୍ଦ୍ଧା ମୂରତି	୧୦୩
୪୪. ଶୂନ୍ୟ ଆକାର	୧୦୫
୪୫. ଧାନସାଉଁଟା ବେଳ	୧୦୮
୪୬. ପରାଜୟ	୧୧୦
୪୭. କ'ଣ ମିଳିଲା	୧୧୨
୪୮. ଭ୍ରମରେ ଭ୍ରମର	୧୧୪
୪୯. ଦାସେ ଆଜ୍ଞା !	୧୧୬
୫୦. ଜୟା ରାଉଳର ଧାନବସ୍ତା	୧୧୮

୫୧. ଚଣ୍ଡାଶୋକ	୧୨୦
୫୨. ଏକ୍‌ଲା	୧୨୩
୫୩. ପ୍ରଭୁ	୧୨୫
୫୪. କବିତା	୧୨୭
୫୫. ପକ୍ଷପାତିତା	୧୨୯
୫୬. ଲଂଗଳା	୧୩୧
୫୭. ନିଃସ୍ୱ	୧୩୪
୫୮. କବିତାର ସୁଧଚକ୍ର	୧୩୭
୫୯. ମାଟିର କବିତା	୧୩୮
୬୦. ଶବ୍ଦମୟ ସାମ୍ରାଜ୍ୟର ଅବୁଝା ବାଦଶାହା	୧୪୦
୬୧. ଦୁଃଖ ଖୁବ୍ ମର୍ମଗତ	୧୪୨
୬୨. ବିଦାୟୀ ସୂର୍ଯ୍ୟ	୧୪୪
୬୩. ନିଲାମ	୧୪୬
୬୪. ବାପା-୧	୧୪୮
୬୫. ବାପା-୨	୧୫୦
୬୬. ବାପା-୩	୧୫୨
୬୭. ବାପା-୪	୧୫୪
୬୮. ସତ୍ୟ ହେ !	୧୫୬
୬୯. କବି ଛବି	୧୫୯
୭୦. ଦଇବ	୧୬୦



କବିଙ୍କ ସଂକ୍ଷିପ୍ତ ପରିଚୟ...


୦୧. **ବିଷ୍ଣୁ ସେଠୀ**	: ପୂର୍ବତନ ବିଧାୟକ, ବିରୋଧୀ ଦଳ ଉପନେତା ।
୦୨. ପିତା	: ଗୟାଧର ସେଠୀ
୦୩. ଗ୍ରାମ	: ମଙ୍ଗରାଜପୁର, ଡ଼ା - ତିହିଡ଼ି, ଜି - ଭଦ୍ରକ-୭୫୬୧୩୦
୦୪. ସ୍ଥାୟୀ ଠିକଣା	: କୁଆଁସ, ପୋ/ଜି - ଭଦ୍ରକ -୭୫୬୧୦୦
୦୫. ଶିକ୍ଷା	: ସ୍ନାତକୋତ୍ତର
୦୬. ବିଧାୟକ କାଳ	: ୨୦୦୦-୨୦୦୪, ୨୦୧୯ରୁ ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ
୦୭. ସାମ୍ବାଦିକତା	: ସାପ୍ତାହିକ 'ବିଶେଷ ଖବର'ର ପୂର୍ବତନ ସହ-ସଂପାଦକ ।
୦୮. ପୂର୍ବତନ ଅଧକ୍ଷ	: ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃ
୦୯. ଗବେଷଣା	: ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ସାଧାରଣ ପ୍ରଶାସନ ବିଭାଗରେ "ଦାରିଦ୍ର୍ୟ ଦୂରୀକରଣ" ସଂପର୍କରେ ଗବେଷଣା ।
୧୦. ପ୍ରକାଶିତ ପୁସ୍ତକ	: ନିର୍ମାୟା ଆକାଶ ତଳେ, ନିଃସ୍ୱ ମାଟିର ସ୍ୱର ଓ ଶିରୋଧାର୍ଯ୍ୟ ଶିରୋନାମା
୧୧. ସଂପାଦନା	: 'ଘାସଫୁଲ' ତ୍ରୈମାସିକ ସାହିତ୍ୟ-ସଂସ୍କୃତି ଭିତ୍ତିକ ପତ୍ରିକା
୧୨. ଲିଖନ ରୁଚି	: କବିତା, ଗଳ୍ପ, ପ୍ରବନ୍ଧ, ସ୍ତମ୍ଭ
୧୩. ଅନୁଷ୍ଠାନ ସଂପୃକ୍ତି :	ସଦସ୍ୟ - ଉତ୍କଳ ସମ୍ମିଳନୀ
	ସଦସ୍ୟ - ଭାରତୀୟ ଜାତୀୟ ପୁରାତନ କଳା ଓ ସାଂସ୍କୃତିକ ପରମ୍ପରା ଟ୍ରଷ୍ଟ (ଇନ୍ଟାକ୍)
	ସଦସ୍ୟ - ଭଦ୍ରକ ଜିଲ୍ଲା କ୍ରିକେଟ୍ ଏସୋସିଏସନ୍
	ସଭାପତି - ବିଷ୍ଣୁବ ସାଂସ୍କୃତିକ ସାମ୍ମୁଖ୍ୟ, ତିହିଡ଼ି
	ପ୍ରତିଷ୍ଠାତା ସଦସ୍ୟ - 'ସମ୍ଭବ' ସାହିତ୍ୟାନୁଷ୍ଠାନ, ଧୂଷୁରୀ, ଭଦ୍ରକ
	କାର୍ଯ୍ୟକାରୀ ସଭାପତି - ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି, ଭଦ୍ରକ ଜିଲ୍ଲା
	ଆଜୀବନ ସଦସ୍ୟ - 'ଆମ ଓଡ଼ିଶା' (ସଂବାଦ)
	ପ୍ରତିଷ୍ଠାତା ସଦସ୍ୟ - ଭଦ୍ରକ ଜିଲ୍ଲା ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀ କମିଟି
୧୪. ପଦପଦବୀ :	ଜିଲ୍ଲା ସଭାପତି, ବିଜେପି, ଭଦ୍ରକ (୩ଥର)
	ରାଜ୍ୟ ସଂପାଦକ, ଯୁବମୋର୍ଚ୍ଚା
	ରାଜ୍ୟ ସଂପାଦକ, ବିଜେପି
	ରାଜ୍ୟ ଉପସଭାପତି, ବିଜେପି ହରିଜନ ମୋର୍ଚ୍ଚା
	ରାଷ୍ଟ୍ରୀୟ ସଂପାଦକ, ବିଜେପି ହରିଜନ ମୋର୍ଚ୍ଚା ।
୧୫. ନିର୍ବାଚନୀ ପ୍ରତିଦ୍ୱନ୍ଦିତା:	୧୯୯୧ ମସିହା-ଭଦ୍ରକ ଲୋକସଭା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ
	୧୯୯୫ ମସିହା-ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ
	୧୯୯୬ ମସିହା-ଭଦ୍ରକ ଲୋକସଭା ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ
	୨୦୦୦ ମସିହା-ଚାନ୍ଦବାଲି ବିଧାନସଭା କ୍ଷେତ୍ରରୁ ବିଜେପି ପ୍ରାର୍ଥୀ (ନିର୍ବାଚିତ)
	୨୦୦୪ ମସିହା-ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ
	୨୦୦୯ ମସିହା -ଧାମନଗର ବିଧାନସଭା କ୍ଷେତ୍ରରୁ ବିଜେପି ପ୍ରାଥୀ
	୨୦୧୪ ମସିହା -ଧାମନଗର ବିଧାନସଭା କ୍ଷେତ୍ରରୁ ବିଜେପି ପ୍ରାର୍ଥୀ
	୨୦୧୯ ମସିହା -ଧାମନଗର ବିଧାନସଭା କ୍ଷେତ୍ରରୁ ବିଜେପି ପ୍ରାର୍ଥୀ(ନିର୍ବାଚିତ)
୧୬. ରୁଚି :	ସ୍ଥାନୀୟ ଇତିହାସ ସଂପର୍କରେ ଅନୁସଂଧାନ / ପ୍ରଚୀନ ସାହିତ୍ୟ, ସଂସ୍କୃତିର ପୁନରୁଦ୍ଧାର / ଓଡ଼ିଆ ଜାତିର ଅସ୍ମିତା ସଂପର୍କରେ ସଚେତନତା

ନଈଗୀତ

ଡହ ଡହ ଖରାବେଳେ
ଶୂନ୍-ଶାନ ଡଙ୍ଗାଘାଟ
ନାଉରୀ ନାହିଁ କି
ଡଂଗା ବି ନାହିଁ
କେହି ଜଣେ ନଦୀ ଘାଟର
ଏକଲା ମଣିଷ
ଅପେକ୍ଷାରତ
ନିଃସଂଗ ବରଗଛ ମୂଳେ,
ଦୃଶ୍ୟମାନ ନଈ ଆରପାରିରେ
ଲାଗିଛି ଭରସାର ଡଂଗା ।

ନଦୀଟିଏ ପାର୍ ହେବାକୁ
ଡଂଗାଟିଏ ଲୋଡ଼ା
ବୋଧେ ଗଂଜେଇ ନିଶାରେ
ଶୋଇଯାଇଛି ବୁଢ଼ା ନାଉରୀ
କ୍ଲାଂତିରେ, ଥକ୍କାରେ
ଚଟିଘର ଭିତରେ ।

କିଏ ଉଠାଇବ
ଅବସନ୍ନ ବୁଢ଼ାକୁ
ଯା'ର ଘିନା ଆସିଲାଣି
ଯୋ'ର ହଟିଲାଣି
ଦିନ୍ ଦିନ୍ ଲୋକଗୁଡ଼ାଙ୍କୁ
ସେପଟରୁ ଏପଟକୁ
ଏପଟରୁ ସେପଟକୁ




ବୋହି ବୋହି
ନଈକୁ ବି ଦେଖି ଦେଖି
ଉଠୁଥିବା ମଗୁଶିର ଜହ୍ନରେ
"ରାମ ଯେ ଲଇଖଣ ଗଲେ ମୃଗମାରି ହୋ"
ଗୀତ ଗାଇ ଗାଇ
ସବୁ ମୁହୂର୍ତ୍ତରେ "ହୋ ବୁଧିଆଇ ହୋ ବୁଧିଆଇ"
ଶବ୍ଦକୁ କାନେଇ କାନେଇ
ବଡ଼ ଚିଟା ଲାଗିଲାଣି ।

ମନେମନେ ଭାବେ
ପୋତି ପଡ଼ିଂତା କି ନଈ
ମନେପକାଏ
କିଏ ତାକୁ ଶିଖାଇଲା
କାତ ଧରି
ନଈରେ ସିଆର କାଟି
ମଂଗ ଧରିବାକୁ ।

ଅପେକ୍ଷାର ମୁହୂର୍ତ୍ତ
ଆରପାରିରେ
ଆଉଜଣେ ଯାତ୍ରୀ ଅପେକ୍ଷାରତ,
ବୁଢ଼ା ନାଉରୀ ଧଡ଼୍‌ପଡ଼୍ ଉଠିବ
ନିରୋଳା ଚଟିଘର ଭିତରୁ,
ବୁଢ଼ା କିନ୍ତୁ ଉଠିଲାନି -

ଶୂନ୍ୟ ଡଂଗା ଲହଲହ ହସୁଛି
ଗଭୀର ପାଣିର ଢେଉରେ ।



❐❐❐

ନଈରେ ନଈରେ

ବିବାହିତା ତରୁଣୀଟେ ପରି
ଆମ ଗାଁ ନଈ ନାଁ ବଦଳାଇ
ଏବେ ଦଶମଉଜା କେନାଲ
ଜନ୍ତାଳ ପରି ଆଜି ଯାବତୀୟ ଜଂଜାଳ
ପରିପୂର୍ଣ୍ଣ ଆମ ପ୍ରିୟତମା ଗାଁ ନଈ
ପୂର୍ବପରି ବାତ୍ୟାର ପ୍ରହାରରେ ଶୋଇଯାଉନି
ଆମ ଗାଁ ସ୍କୁଲ
ରୂପ ଆଉ ନେଉନି ଆମ ଗାଁ ଠାକୁରାଣୀ ଦାଣ୍ଡ
ବର୍ଷା କାଳର ଟୁବ ଗାଢ଼ିଆଟିଏ


ପାଦ ଚିପିଚିପି ଶିଶୁମାନେ
କିଏ କେଉଁ ରାସ୍ତାରେ ଚାଲିଲେ ଯେ
ବୟସ୍କ ହେଲା ପରେ କେହି ଚିହ୍ନି ପାରୁନାହାନ୍ତି
କାହାକୁ ?

ବିତିଯିବା ସମୟ ଆଇନାଟେ ଧରି
ବେଳେବେଳେ ବାଟ ଓଗାଳେ
ଆମ୍ବଚଣାମାନେ ପାଲଟି ଗଲେଣି ପାଚିଲା ପାଚିଲା
ଏବେ ତ ଧୁରୁବ ସାହୁ ଫଳଦୋକାନ ଥାକରେ
ଆଶ୍ୱାସନାର ଆମ୍ବ ଥାକ ଥାକ
କେଜି ସତୁରୀ କି ଅଶୀ ଟଙ୍କାର ମୂଲ୍ୟ
ମନଇଚ୍ଛା କିଣିପାର
ନା ଆମ୍ବର ଅଭାବ ନା ପକେଟରେ ଟଙ୍କା

ହେଲେ ସେ ଆମ୍ବମାନେ ଭାରି ଶୂନ୍ୟ ଶୂନ୍ୟ ଲାଗନ୍ତି
ଅଙ୍କାବଙ୍କା ନଈଧାର
ଏବେ ସିଧାସିଧି ହୋଇଯାଇଛି
କଣ୍ଟ୍ରାକ୍ଟରଙ୍କ କୋଡ଼ି କୋଦାଳ ଚଟାରେ
ହଟିଯାଇଛି ଅଗଣିତ ଫୁଲ ଓ ଫୁଲୁରି
ବନ୍ଦ ହୋଇଗଲାଣି
ଗ୍ରାମ୍ୟ ଲଳନାମାନଙ୍କ ଗାଧୁଆ ଚୁଠ
ସରକାରୀ ଜଳ ଯୋଗାଣରେ
ସବୁଘରେ ଏବେ ଗାଧୁଆ ଘର
ଖାଲି ଲାଗୁଛି
ଅପ୍ରାକୃତିକ ଜଳାଧାରଟିଏ
ସତେକି ଗ୍ରୀଷ୍ମକାଳ କୁକୁରଟେ
ପ୍ରଚଣ୍ଡ ଜ୍ୱଳନରେ ଧକେଇ ହେଉଛି ॥

ଆମ୍ବଗଛମାନେ ତ ଭାଉଜଙ୍କ ପରି
ନିରିମାଖୀର ଜୀବନ ଚରିତ୍ର
ସମୟ ସାହୁକାରର ତାଗିଦା ଖାତାରେ
ଜୀବନ ସିରସ୍ତାରୁ ଉଭେଇ ଯାଉଛି
ସେଦିନ ଶୈଶବର କୋଇଲି ସ୍ୱର ।

❐❐❐



ନଈ ଜମା ଗୁଣୁନି

ଅହଲ୍ୟା ପଥରକୁ ଛୁଇଁ ଛୁଇଁ
ନଈ ତ ଯାଇଛି ବହି
ନିଘା ନ ଥାଏ
ମୁର୍ଦ୍ଦାର ଭାସୁ କି ଦେବୀ ଭାସନ୍ତୁ
କିଏ ସୂର୍ଯ୍ୟ ନମସ୍କାର କରୁ କି ସଦାକାଳ
କିଏ ଗାଧଉ ଗାଧଉ ମୁତୁ
ନଈ ପାଷାଣୀ
କାଳକାଳକୁ ହିନିମାନୀ ॥

ନଈ ବେପରୱା ନିଦରେ ଯାଇଛି ନିଦେଇ
ନଈର ତମାମ ଦେହରେ
କେବେ ଖରା ତ କେବେ ଛାଇ ॥

ଭଲମନ୍ଦ ବିଚାରୁ ବିଚାରୁ
ବୟସକୁ ସମୟ ଘୋଷାରେ
ହରିଜନ ବସ୍ତିର ବଢ଼ିଲା ଝିଅର କାନି
କ୍ରମଶଃ ବଢ଼େ ଅବୈଧ୍ୟ ଭ୍ରୁଣକୋଷ
ଦିନ, ଦିନ ମାସ ମାସ
ମଣ୍ଡପ ଉପରେ ନ୍ୟାୟ ନିଶାପ
ଜୋରିମାନା । ଜମି ହଡ଼ପ ।

ନଈପରି ଝିଅଟି କହେନି
ଯେତେସବୁ ହୃଦୟର ଲୁଚାଛପା କଥା
ବଢ଼ିଲା ପେଟର ଗୁମର
ମଳେଇ ଢ଼ାଙ୍କିଲା ପରି ସୂର୍ଯ୍ୟଙ୍କୁ
ସିଏ କି ଲୁଚେ !

ବାଟ ଭାଂଗିଯାଏ ସେଇଠି ବି
ଯେଉଁଠି କଲିଜାରେ ବାଜେ ଚୋଟ୍
ସାଆନ୍ତଙ୍କ କଥା ଅମାନ୍ୟ କରେନି
କହିପାରେନି ନଈପରି
କିଏ ସେ ମାଉଁସ ମେଂଚାକର ନିଲାମ ନିଆ ଦଲାଲ
ନଈପରି ନାରୀ ବି ଗାଆନ୍ତି ଗୀତ
ଯେଉଁ ଗୀତ ଲାଗେ ଭାରି ଅଦ୍ଭୁତ ଅଦ୍ଭୁତ ॥

ପୁଷ୍ପବତୀ ହେବାର ଷୋଳଅଣା ଇଚ୍ଛାରେ
ନଈ ତ ପାରେନା ହେଜି
ତା' ଦେହରେ ଚାଲିଛି ମିଠା କଲିଜାର ଅନ୍ୱେଷଣ
ଗୁରୁପତ୍ନୀଙ୍କ ପଣତରେ ଇନ୍ଦ୍ର ଶୋଷିନେଲା
ସମୁଦ୍ର ଯାକର ନିଃଶ୍ୱାସ
ବାଉଳି ନଈ କ'ଣ ଦଳିତର ପ୍ରତିନିଧି ଚରିତ୍ର
ବାରବାର ପଦାଘାତ ପରେ ବି
ଆଉଁସୁଥିବ ସାଆନ୍ତଙ୍କ ନିର୍ଦ୍ଦୋଷ ପାଦ
ଋଷିଙ୍କ ପତ୍ନୀ ବୋଲି ତ ଅହଲ୍ୟା
ପାଲଟିଲେ ଯୁଗର ଯୁଗର ମିଥ୍ ॥

ଅତଏବ ନଈ ତୁ ସେଇ ବାଙ୍କ ପାଖରେ
ଦଣ୍ଡେ ରହିଯାଆ
ଝିଅଲୋ: ପାଦ ବଢ଼ାଇଲା ବେଳେ
ମାପି ଦେ' ତୋ ପୃଥିବୀର ଅକ୍ଷାଂଶ, ଦ୍ରାଘିମା କେତେ ?

❐❐❐



ନଈଘାଟ

ସବୁ ଦେହରେ ଘଟ
ସବୁ ନଈରେ ଘାଟ
ସବୁ ନଈରେ ଡଂଗା
ମାଝୀପୁଅର ଗଂଗା ॥

ପୂର୍ବାଳି ପବନରେ ରହିରହି
ଶୁଭୁଥାଏ ପାଟବିଲ ଯାଏଁ
କେଉଁ ଅଦୃଶ୍ୟ ଉଦ୍ଦେଶ୍ୟରେ
ସମର୍ପଣର ଅବୁଝା ସଂଗୀତ ॥
ପେଟେ ଭାତ-ମାଛର ସଂସାର
ଟଙ୍କାକିଆ ଚାଉଳକୁ ଆତୁର ॥

କିଏ କିଏ ସବୁ ସେଦିନ କଥା ହେଉଥିଲେ:
ଏଠି କୁଆଡ଼େ ପୋଲ ହେବ !
ବିଧାୟକ କହୁଛନ୍ତି ଟିଭିରେ'
ଫେଁକିନି ହସିଦେଲା ଶୁକୁନା ମାଝୀ
ଅବିଶ୍ୱାସୀ ଶବ୍‌ଦମାନେ ପବନରେ
ମିଶିଗଲେ ଫୁଂଗୁଳା ଦାନ୍ତରୁ ମୁକ୍ତ ହେଇ
'ହଁ, ମ କେତେ ଦେଖିଲିଣି ଏମେଲେ ଫେମେଲେ
ଫିସନ ତ ପିଟା ହୁଏ ନଡ଼ିଆ
କାହିଁ ପୋଲର ଧବଳ ଚେହେରା ?'

ମାଈପୁଅର ଅବିଶ୍ୱାସୀ ଗୁମର
ଦିନେ ଫିଟି ପଡ଼ିଲା ଦାଣ୍ଡରେ ଘାଟରେ
ସର୍ବତ୍ର
ମାଈ ବୁଢ଼ା ପାଲଟିଗଲା ଅକର୍ମା
ପୁଅ ବଉ ହାଇଦ୍ରାବାଦରେ
ନୁଆଁଣିଆ ଚାଳରୁ ଖସୁଛି ମେଂଚା ମେଂଚା ଦୁଃଖ
ପିଣ୍ଡାଶୁଆ ପାଲଟିଲାଣି ମାଈପୁଅ ଶରୀ
ମାଈପୁଅ ଗାଉନି ଆଉ ଫଉରବିର ଗୀତ
ଏବେ ଗୁଣୁଗୁଣୁ ହୋଇ ହାତ ଯୋଡୁଛି
ପରମେଶ୍ୱରଙ୍କୁ
ମୁକ୍ତି ଦେବାକୁ ମୁଆଁସୀ ସଂସାର
ମରଣକୁ ଆଉ ନାହିଁ ଭୟଙ୍କର ଡର ॥

❐❐❐



ବର୍ଷା

ବର୍ଷା ବର୍ଷିଲା : ଚଡ଼ଚଡ଼ି ହୋଇ
ଘନସୁଇଁ କାଦୁଅ। ହଳ ବିଲରେ
ବର୍ଷା ବର୍ଷିଲା : ଗୁଳିଟିଏ ହୋଇ
କାଶ୍ମୀରର ଆୟୁବ ପଣ୍ଡିତ
ବିଧବା ପତ୍ନୀର କପାଳରେ
ବର୍ଷା ବର୍ଷିଲା : ଘରବାହୁଡ଼ା
ଶାଗୁଆ ଫ୍ରକ୍‌ର ହାଇସ୍କୁଲ ଝିଅ ଉପରେ
ବର୍ଷା ବର୍ଷିଲା :
କଲେଜ ଯାଉଥିବା ଶ୍ରାବଣୀ ମିଶ୍ର ଉପରେ ॥

ଘନ ସୁଇଁ ପୁଅ ଗଲା ସୁରଟ୍ ସହର

ବାପମାରା ପଡ଼ିଲା ପରେ
ଆୟୁବର ସ୍ତ୍ରୀ ଗଲା ଦିଲ୍ଲୀ ନଗର
ଉଗ୍ରବାଦୀଙ୍କ ଗୁଳିରେ ଆୟୁବ ମୃତ୍ୟୁ ଲଭିଲା ପରେ
ଝିଅଟି ଗଲା ପାଖ ଦୋକାନକୁ
ଦୁଇଦିନ ପରେ ମିଳିଲା ଯାହାର ରକ୍ତାକ୍ତ ଶରୀର
ଶ୍ରାବଣୀ ମିଶ୍ର ବର୍ଷିଲା
ଆକାଶ ଦାସ ଉପରେ
ଭାଇରାଲ ହୋଇଥିବା ମୁକୁଳା ପୃଥିବୀର ଚିତ୍ର
ଶ୍ରାବଣୀ ମିଶ୍ରର ॥

ବର୍ଷା ହଉଥିଲା, ହବ
କିଏ ଜାଣେ କେଉଁ ବାଗରେ
ବର୍ଷା ବର୍ଷେ ଜଣ ଜଣକ ଭାଗ୍ୟରେ
ଭିଜାଇବାକୁ ସକଳ ଭିଜା ଭିଜା ମେଦିନୀ ॥

❐❐❐

ବର୍ଷାର ରିଯାଜ

ବର୍ଷା : ଗୋଟେ ଅନାମିକା ଶ୍ରାବଣୀର ନାଁ

ବର୍ଷା : ତୁଣ ସହ ଥାଳିଏ ଭାତଥାଳିର ନକ୍ସା

ବର୍ଷା : ରେନି ଡ଼େ' ପାଇଁ ବ୍ୟାକୁଳ ବାଲୁତ ମନ

ବର୍ଷା : ଛାଳଖୁଂଚା ମାରିବାର କାଇଦା କଟକଣା ॥

ମନ ତ ମନ
ସବୁରି ଘନ
ଥିଲେ ଜୀବନ
ଉଆଁସ ରାତିରେ ପୁନେଇଁ ଜହ୍ନ ॥

କବିତା : ଈଶ୍ୱର ନା ଅକ୍ଷରଙ୍କ ସର୍ଜନା

ଅଧରାତିରେ ଜଣେ ମଣିଷର
କାରୁଣ୍ୟ ବେଦନା
ବେଦନା ଘାରୁଥାଏ କ୍ଷଣକ୍ଷଣ
ଯିଏ ଦେଖିପାରିଲା
ଲେଖି ପାରିଲା, ସିଏ ହେଲା କବି
ନ ଲେଖିଲେ ବି
ଏକ ଅଲେଖା ସିଲଟର ଅଦୃଶ୍ୟ ଛବି ॥

ଅତଏବ ସଂସାରରେ ଜନ୍ମରୁ
ସଭିଏଁ ଜଣକୁ ଜଣିଏ କବି ॥

ଘାରୁଥାଏ କ'ଣ ଗୋଟେ ପିଶାଚୀ ମନରେ
ମରୁଥାଏ କ'ଣ ଗୋଟେ ଭିତରେ ଭିତରେ

ପଚାରୁଥାଏ ନିଜକୁ :
କହୁଥାଏ ସଭିଙ୍କୁ :
ତଥାପି ବୁଝିପାରେନା କାଳିଦାସୀୟ ଛଳରେ
ନାକବୁଡ଼ା ଜଳରେ, ହାଣୁଥିବା ଡାଳରେ
ଆକ୍ତାମାକ୍ତା ହୁଏ ବାରବାର ସଳିଳ ଦାଉରେ ।

ହଠାତ୍ ପବନମାନେ ପାଲଟନ୍ତି ଶତ୍ରୁ
କେତେବେଳେ ଲାଗିଯାଏ ନିଆଁ
ଶୀତଦିନ ରେଜେଇ କୋଳରେ
ସତରେ କବିତାର ଉତ୍ତରଣ
ମନେ ମନେ ସ୍ମରୁଥିବ ବାଲ୍ମିକୀମାନଙ୍କୁ
କାଳକାଳ ଥିବାଯାଏ କ୍ରୋଂଚ ପକ୍ଷୀ ଯୁଗଳ ॥

❐❐❐



ବର୍ଷା ହେଲେ

ବର୍ଷା ହେଲେ
ସନ୍ୟାସୀର ମନଟିଏ ଅଙ୍କୁରିଯାଏ
ତୁଟିଯାଏ ସକଳ
ସଂସାରର ମାୟାଚ୍ଛନ୍ନ ଆଶ୍ଳେଷ ।
ଆସ୍ତେ ଆସ୍ତେ କିଏ ଗୋଟେ ଧସେଇ ପଶେ
ଭିତରକୁ ଭିତର
ବିନା ନିମନ୍ତ୍ରଣେ ।
ସବୁ ଜୀବକୋଷ, ସ୍ନାୟୁ ଓ ତନ୍ତୁରେ
ବିରାଜ କରେ ଜାଗତିକ ମହାଶୂନ୍ୟତା
କେଉଁ ମହା ଅଭ୍ୟନ୍ତରେ ହଜିଯାଏ
ଯା' ଆସ କରୁଥିବା ନିଃଶ୍ୱାସ - ପ୍ରଶ୍ୱାସ
ମନେପଡ଼େ ପଞ୍ଚସଖାମାନଙ୍କ ଜୀବନ - ସଂଗୀତ
କେଉଁ ଅଶୁଣା ସଂଗୀତଟିଏ
ଗାଉଥାଏ ବର୍ଷା ଗଛମାନଙ୍କ ପତ୍ରର ସଂଧିରେ
ଟିଣ ଛାତର ଛାତିରେ
ଓଦାମାଟିର ଅଳତା ପିଂଧା ପାଦରେ
ବର୍ଷାର ଟୋପା ଟୋପା ଚେହେରାରେ
ହଠାତ୍ ଓହ୍ଲେଇ ପଡ଼ନ୍ତି ତାରା ଭର୍ତ୍ତି ଆକାଶ ॥
ମାତ୍ର ବାରଟି ଦିନ ଦର୍କାର
ଉଝେଇ ଦେବାକୁ ଅସ୍ତିତ୍ୱର ଦଲିଲ
ଓଲାରି ଦେବାକୁ
ସୃତିର ଚାଳ ଛପର
ଜାଳିଦେବାକୁ, ପୋଡ଼ିଦେବାକୁ ସକଳ ସନ୍ତକ
ତଥାପି ମଣିଷ ନିଜକୁ ସିଝାଉଥାଏ,
ଉଝାଉଥାଏ, ବୁଝାଉଥାଏ ବାରମ୍ବାର ॥



ବର୍ଷା ନଥିଲେ

ବର୍ଷା ନାହିଁ ବୋଲି ଚାଷୀର ଆଖିରେ ଲୁହ
ବର୍ଷା ନାହିଁ ବୋଲି କବିର ଛାତିରେ କୋହ

ବର୍ଷା ନଥିଲେ ଅକ୍ଷରମାନେ ପାଲଟି ଯା'ନ୍ତି
ବୁଣା ଯାଇଥିବା ବିହନ ପରି ଗଜା ମରୁଡ଼ି
ହାହାକାରର ହାତୁଡ଼ି ପିଟୁଥାଏ କାଳ-ଭୈରବ
ହିଡ଼ମୁଣ୍ଡରେ ଚାଷୀକୁ
ରାତିର ମଧ୍ୟମ ପ୍ରହରେ କବିକୁ ॥

ମାଲ୍ୟାବନ୍ତ ପାହାଡ଼ର କେଉଁ ପଥର ଚଟାଣର
ଦେହ ଛୁଇଁ ଛୁଇଁ ମେଘମାନେ ଅସମ୍ଭବ
ଇରୋଟିକ ଲାଗୁଥିଲେ ଯେ
କାଳିଦାସ ଦୂତୀ ରୂପେ ନିର୍ବାଚିତ କଲେ ସେମାନଙ୍କୁ
ଆଜି ସେମାନେ ଅନନ୍ୟପୂର୍ବା ॥

ଏବେ ପାହାଡ଼ମାନେ
ଶ୍ରୀଲଙ୍କା ସହରର ସିଂହଳି ବାସିନ୍ଦା
ପ୍ରତିମୁହୂର୍ତ୍ତରେ ଯେଉଁମାନଙ୍କ କଲିଜା ଓ କପାଳ
ଡ଼ିନାମାଇଟ୍ ବିସ୍ଫୋରଣେ ବାସଚ୍ୟୁତ
ବାସହରା ପାହାଡ଼ମାନେ ପଣ୍ୟବନ୍ଦୀ
ଭାରତୀୟ ନର୍ସମାନଙ୍କ ପରି
ରାଜରାସ୍ତା କ୍ରସର ପାଖରେ ॥

ରାଜଧାନୀର ପ୍ରତି କୋଠା, ରାସ୍ତା, କଲଭର୍ଟମାନେ
ମାଲ୍ୟାବନ୍ତ ପାହାଡ଼ର ଅଂଶ ବଅଂଶ
ରାଜମହଲ ଫ୍ଲାଇଓଭର ବ୍ରିଜର ନିରୋଳା ମୁହୂର୍ତ୍ତରେ
ପ୍ରେମ ବାଣ୍ଟୁଥିବା ତରୁଣ - ତରୁଣୀ
ବୋଧେ କାଳିଦାସଙ୍କ ପରି ନୁହଁନ୍ତି

ଏକା ଏକା ଜନପଦ ଛାତିରେ
ସୁତରାଂ କମିଶନରେଟ୍ ପୋଲିସକୁ
ଦୋଷ ଦେଇ ଲାଭ କ'ଣ ?

'ମେଘଦୂତମ୍' କାବ୍ୟର ନାୟିକା ପାଇଁ
ବିଚ୍ଛେଦରେ ସିଝୁଥିବା କାଳିଦାସ କେବେ
ଭାବିଥିବେ କି ଆଷାଢ଼ର ଦଶଦିନ ସମାପ୍ତିରେ
ବର୍ଷାହୀନ ଉତ୍ତଳର ମାଟି
ଧାନବିକ୍ରୀ କରି ବାଣୀବିହାରରେ ପାଠ ପଢୁଥିବା ପୁଅପାଇଁ
ଟଙ୍କା ପଠଉଥିବା ଚାଷୀ ବାପର କଷଣ
ରମାଦେବୀ କଲେଜରେ ପଢୁଥିବା ଭଉଣୀ ପାଇଁ
ହରି ପଧାନ ରଇତର ଗଂଜଣା
ଘରେ ଛଅ, ସାତ ପରାଣୀଙ୍କ
କ୍ଷୁଧାର ଯନ୍ତ୍ରଣା
ଫି' ଥର ପରି ରାଜନେତାମାନଙ୍କର
ତୁଚ୍ଛା ଆଶ୍ୱାସନା ॥

ପ୍ରେମ ହସ୍ପିଟାଲ୍ ଠୁ ଯୁଦ୍ଧକ୍ଷେତ୍ର
ମହାକାଶରେ ବି ହୁଏ
କଂକ୍ରିଟ୍ ଜଙ୍ଗଲର ମାୟାବିନୀ ସହର
ବର୍ଷା ହେଉ ବା ନ ହେଉ
ପାର୍କ ଠାରୁ ଫ୍ଲାଏ ଓଭର
ହୋଟେଲ୍ ଠାରୁ ଆର୍ପାଟମେଣ୍ଟ
ସବୁଠି ଲାଗିଛି, ଲାଗୁଥିବ
ପ୍ରେମ ନାଁରେ ନାନାଦି ହୁନ୍ଦର ॥

❐❐❐

ଗୋଟେ କାଗଜଡଂଗାର ଆତ୍ମକାହାଣୀ

ଓଳିତଳେ ଭସାଇ ଦେଲି
ନିଃସର୍ତ୍ତ କାଗଜଡଂଗାରେ
ନିଃସଂଗ ନାଉରୀକୁ
ବୈତରଣୀ ଠାରୁ ଆହୁରି


ପ୍ରଖର ଥିଲା
ଓଳିତଳେ ସୁଅଧାର
ସମୁଦ୍ର ଥିଲା ଆମ ତଳଖଳା ବାଡ଼ି ॥

ଶୈଶବର ହୃଦୟ ଧକ୍କା ଖାଏ
ଦାଦାଘର ମାଙ୍କିଡ଼ିଆ ପଥର ପାଖରେ
ଅଟକି ଯାଉଥିଲା ମୋ ପ୍ରିୟତମ କାଗଜର ଡଂଗା
ଆମ ଚାଳପିଣ୍ଡାରେ ବସି ଦେଖୁଥାଏ ଶୈଶବର ସାଧବ
ମୋ ଅନାଥ ସମୟକୁ
ରଫ୍‌ଖାତାରୁ ବହୁ ସନ୍ତର୍ପଣରେ
ଅଭିନ୍ନରୁ ଭିନ୍ନ ହୋଇଥିବା ଫର୍ଦ୍ଦେ ଫର୍ଦ୍ଦେ କାଗଜ
ବାରଣ ଥିଲା ଛୁଇଁବାକୁ ଦାଦାଘର ପିଣ୍ଡାକୁ
ବୟସୀ ଅହଂକାରର ଜୁଲମ ସଂପତ୍ତିର ମାୟାରେ ॥

ଖୋଲୁଥାଏ ଆସ୍ତେ ଆସ୍ତେ
କାଗଜ ଡଂଗାର ଫାଶ,
ଭିଜୁଥାଏ ଅବୋଧ ଶୈଶବ,
ଶୂନଶାନ କାଦୁଅ ପଚ୍‌ପଚ୍
ସେ ଦିନର ଗାଁ ଦାଣ୍ଡରେ
ଚାଳରୁ ନିଗୁଡୁଥାଏ ଅସହାୟ ବର୍ଷାଟୋପା

ମନ କହୁଥାଏ : ଭାଂଗିଦେବାକୁ
ବାପା - ଦାଦାଙ୍କ କଟକଣାର ପାଚେରୀ
ଧାଇଁଯିବାକୁ ବିପଦଗ୍ରସ୍ତ ଡଂଗାର ପାଖକୁ
ଯେମିତି ସୁଆଁତି ରାତିରେ
ରଂଗମାଝୀ ଖୋଜୁଥାଏ ଘାଟ ପାଖରେ
ପେଟପାଟଣାର ପଟଳା ଡଂଗାର ଘଟ ॥

ଆମ ଦୁଆର ବଂଧରେ ଏବେ
ବାପା ବୋଲି ନିୟନ୍ତ୍ରକଙ୍କର
ବିଷ୍ଫାରିତ ଯୋଡ଼ିଏ ଆଖି
ମୁଁ କାକୁସ୍ଥ
ପ୍ରଥମପୁରୁଷ ଏକ ବଚନ
ହଠାତ୍ ବାପାଙ୍କ ସ୍ୱରରେ
ଆକାଶର ଘଡ଼ଘଡ଼ି, ବିଜୁଳି
ମୋ କଣ୍ଠରେ ଡଂଗାଟିର ନିଃସ୍ୱପଣର
ଅବ୍ୟକ୍ତ ଯନ୍ତ୍ରଣା
କ୍ରମଶଃ ମୁଁ ଟାଣି ହୋଇଯାଉଥାଏ
ଡଂଗାଠାରୁ ବହୁତ ଦୂରକୁ
ଅଦୃଶ୍ୟର ପିଂଜରା
ଆମଘର ଗମ୍ଭୀରାକୁ
ବାପା - ଖୁଡ଼ୀଙ୍କ ମଧ୍ୟରେ ଅଛୁଆଁ ପାଚେରୀ ପାଖକୁ ।



❐❐❐

ସୁଆଁତି ସମୟ

ବର୍ଷା ହେଲେ
ଗଛମାନେ ଗାଧୋଇ ପଡ଼ନ୍ତି
ହରିଜନ ସାହି ମାଇପେଙ୍କ ପରି
ଫୁଗୁଳା ପୋଖରୀ ତୁଠରେ

ଚେରମାନେ ମାଗୁଥାନ୍ତି
ପେଟକୁ ଦୁଇମୁଠା ଖାଦ୍ୟ
କରଂଜ କାଠିରେ ଦାନ୍ତ ଘଷିଲା ପରେ
ନୂଆଁଣିଆ ପିଣ୍ଡାରେ ଖରା ଖୋଜୁଥାଏ ଦୁରୁଜା ମଳିକ
ବୟସର କତରା ଶେଯରେ
ରୁହ ! ରୁହ ମୁଁ ଯାଏ ରାଉତଘର
ଘରଲିପି ଦେବି ବୋଲି ଗୋବର ମାଟିରେ

ଅଣ୍ଟାରେ ଆଣିବି ମୁଠା ମୁଠା ମୁଢ଼ି
ଭୋକର ଭୂଗୋଳ ହେବ ସଂକୁଚିତ
କିଛି ମିନିଟ୍ ପାଇଁ

ବ୍ଲକ ବିଡ୍ଓ କାଟି ଦେଲା
ଟଙ୍କାକିଆ ଚାଉଳ ଭୋଟ ଦେଲିନି ବୋଲି
ଆଉ ଗୋଟେ ଦଳକୁ
ବ୍ଲକରେ ବୁଝିଲା ବେଳକୁ
ଉଠା ସରିଲାଣି ମୋର ଘର ତିଆରି ଟଙ୍କା
ତଆର ସରିଛି ବାରହଜାର ଟଙ୍କିଆ ପାଇଖାନା
ସବୁ ହରକତ ଏଇ ହରିଜନଙ୍କ କପାଳରେ
କାର୍ତ୍ତିକ ନିଗିଡ଼ା ଧାନ ବିଲରୁ

ପୁଅ ଆଣିଥିଲା ବେଳେ ମାଇମାଛ ।



ମାଛକୁ ତେଲ ନାହିଁ
ଚୂଲୀକୁ ଜାଳ ନାହିଁ
ହାଣ୍ଡିରେ ଚାଉଳ ନାହିଁ
କେଳେଇ ଦେଇ ପୋଖରୀ ପାଣିରେ
ଧୋଇଧାଇ ଚାହିଁ ରହିଛି ହରିଜନ ଝିଅ
ହଳଦୀ ଲୁଣ ଗୋଳେଇ

ସୁଆଁତି ପବନରେ ଦୁଲୁକି ଯାଉଛି ମାଟି
ମାଆ ଫେରୁନି ତ ଶୂନ୍ୟମାଳରୁ
ରାଉତରାୟ ଘର ଦାଣ୍ଡରୁ
ବଡ଼ ଜଂଜାଳର ଗଛ ପରି ପାଣି ସଂଚିବା
ପେଟକୁ ଦାନା ନାହିଁ
ଚାଳରେ ଛପର ନାହିଁ
ଦେହରେ ବିନା ହାତ ସିଆଁରେ ଶାଢ଼ୀ ନାହିଁ

କେମିତି ସେକ୍ସ ଆସିଲା ଯେ
ହରିଜନ ବୋହୂ ଗାଲରେ
ହାତ ଦେଇ ଭାବେ !

❐❐❐



ସାଳନ୍ଦୀ

କବି ଶେଖରଙ୍କ 'ସାଳନ୍ଦୀ'
ପାଲଟି ଗଲାଣି ଏବେ
ବ୍ୟାସକବିଙ୍କ 'ରେବତୀ'
କବିବରଙ୍କ 'ନନ୍ଦିକେଶ୍ୱରୀ'
କିମ୍ୱା କାନ୍ତକବିଙ୍କ
ଉସ୍‌ମାନତାରା ଶଙ୍ଖା ବିବର୍ଜିତ
ବୁଢ଼ା ଶଙ୍ଖାରୀର 'ବୋହୂମା' ॥
ତେଣୁ ସବୁଝିଅଙ୍କ ମନପରି
ସାଳନ୍ଦୀ ଆଜିକାଲି ଚୁପଚାପ୍ ॥
ଯିଏ ଗଭୀର ରାତ୍ରିରେ
କାନ୍ଦେ ସିଏ ବାହୁନି ବାହୁନି
ମନ୍ତ୍ରୀ, ଯନ୍ତ୍ରୀ, ସନ୍ତ୍ରୀ କେହି
ପାରନ୍ତିନି ଶୁଣି । ପୁଣି ସତେ ଏକ ଅଗ୍ନିପରୀକ୍ଷା ॥

ଦିନେ ଜଳିବ 'ଭଦ୍ରକ'
ଜଳିବ ସାଳନ୍ଦୀପାଖ୍ୱାର ପ୍ଲାଣ୍ଟର ଖାଣ୍ଡବ ବନ ଦହନର ଦୃଶ୍ୟ
ଧୂଆଁର ପରଖ୍ୱାନା ଘେରିଯାଏ ତମାମ ଆକାଶ
ଆଜିକାଲି ଛଳଛଳ ଶବ୍‌ଦ
ଶୁଭେନା ସାଳନ୍ଦୀର
ଶହ ଶହ ଟ୍ରକ ଟ୍ରାକ୍ଟରମାନେ
ପ୍ରତ୍ୟହ କୋରି ପକାନ୍ତି
ସାଳନ୍ଦୀର ନିର୍ଲିପ୍ତ ଗର୍ଭକୁ
କନ୍ୟାଭ୍ରୁଣ ପରି

କ୍ରମଶଃ ସେ ପାଲଟିଗଲାଣି
କେଉଁ ବିଧବାର
ଖଣ୍ଡେ କନ୍ଥା ଶାଢ଼ୀ ॥
ଏବେ ବି 'କୁପାରୀ' ପାହାଡ଼
ଗୁହାରେ ଶବ୍ଦାୟିତ
ଋଷି 'ଭଦ୍ରେଶ୍ୱରଙ୍କ' ଅବସୋସର ପ୍ରଣବ

'ଭୂୟାଁମହଲା' ଠୁ 'ଭୂୟାଁ ଉଆସ' ଯାଏ
ୟେ' ଜାତିର କରୁଣ ସ୍ୱାକ୍ଷର ॥
ବିଦେଶର ସଂତ୍ରାସବାଦୀର
ରକ୍ତଭିଜା ବନ୍ଧୁକ ଭୟରେ
ଦିନେ ଗଭୀର ଆଶ୍ଳେଷରେ ଆପଣେଇ ନେଲା
ରୂପସୀ ସାଳନ୍ଦୀ
ମାଟିମାଆର 'ପର୍ଣ୍ଣଦେବୀ'
ପ୍ରତିଦାନେ ପ୍ରତିଦିନ
ସାଳନ୍ଦୀ ଆଖିରୁ ଝରିଯାଏ
ଶ୍ରାବଣର ଲୁହ ॥

କିଏ ପକାଉଥାଏ ରକ୍ତର ଝୋଟି
ତା'ର ତମାମ ଶରୀରେ
ବିବସନା ଯାଜ୍ଞସେନୀ ପରି
ସୂଚନା ପ୍ରଯୁକ୍ତିର କୁରୁସଭା ତଳେ ॥
ଏବେ ମରୁ ମରୁ
ବଂଚି ରହିଛି ସାଳନ୍ଦୀ !
ଶ୍ଳଥ ସ୍ତନକୁ ଚୋଷୁଥିଲେ ବି
କାର୍ତ୍ତିବୀର୍ଯ୍ୟମାନେ ॥



ସାଳନ୍ଦୀ କ'ଣ କେଉଁ କଥାରେ
ଆନମନା ହୁଏ !
ବରଂ ପୋଖରୀ ଘାଟରେ
ଚନ୍ଦ୍ରମା ପରି ହସିଦିଏ
ନୋଳାଫଟା ପିଠି ଓ ପେଟକୁ
ଢ଼ାଙ୍କି ଦେଇ ଲୁହଭିଜା ପଣତ
'ହଦଗଡ଼ ବଂଧ'ର ଛାତିରେ ॥
'ମେଘାସନ'ର ନିର୍ମାୟା କୋଳ
ଛାଡ଼ିବା ଦିନରୁ
'ତିନିତର' ଘାଟରେ ଯେବେ ଠୁ
'ବୈତରଣୀ' ସହ ବଉଳ ବସିଲା
ତଳଦିଗେ ପୂର୍ବଭାଗେ ବିଜେ
ଆଖଣ୍ଡଳମଣି ପୀଠରେ
ଚାନ୍ଦ ବାଂଧୁ ବାଂଧୁ
ହଜିଗଲା ଅଭିଆଡ଼ି ସାଳନ୍ଦୀ
ଚାନ୍ଦବାଲି ବନ୍ଦର ଆଭିଜାତ୍ୟ ସୁଖରେ
ଧାମରା ନଈରେ
ଛୁଇଁଲା ଯେବେଠୁ ବୟସ୍କ
ବଙ୍ଗୋପସାଗରର ସାଂସାରିକ
ଲବଣାକ୍ତ ଝାଳୁଆ ଦେହକୁ
ସବୁଦିନ ପାଇଁ ॥

ଜାଣିଛି, ଜାଣିଛି ସାଳନ୍ଦୀ
ଯେ' ଗୋଟେ ବିବର୍ତ୍ତନର ସାହାନାଇ
ନିଜେ କାନ୍ଦୁ କାନ୍ଦୁ
ଗୋଟେଇବାକୁ ହୁଏ ସୁଖମାନଙ୍କୁ
ଅନ୍ୟମାନଙ୍କ ପାଇଁ
ଜନକନନ୍ଦିନୀ ପରି
ଚିତାଗ୍ନିର କୋଳରେ ବି ॥

❐❐❐

ନାରୀ ନିରଞ୍ଜନା

ବର୍ଷାହେଲେ -
ଲୁହମାନେ ଲୟିଯାନ୍ତି ଦରିଆ ମଝିକୁ ।

ନଦୀର ମୁହାଣ ସଦାକାଳ ପ୍ରଖର
ଓ ପ୍ରହେଳିକାମୟ
ଯେଉଁଠି ଘରଯୋଗ୍ୟା କନ୍ୟାପରି
ସେ ପ୍ରସାରି ଦେଇଥାଏ ଫେନିଳ ଛାତିକୁ
ସମୁଦ୍ର ଦେହରେ
ହେବାକୁ ଏକ ପରିଚୟହୀନ
ଶଙ୍ଖର ଠିକଣା
ହେବାକୁ ଅନ୍ତଃସତ୍ତ୍ୱା ସବୁ
ଜଳଜୀବଙ୍କର
ପାଲଟିଯିବାକୁ ସୀତା ତପସ୍ୱିନୀ ॥

ନଦୀ କ'ଣ ଜାଣିଥିଲା
ସବୁଥର ଏମିତି କାନ୍ଦିବାକୁ ହେବ
ଫି'ସନ୍ ଆଷାଢଶ୍ରାବଣେ
ହସାଇବାକୁ କାକୁସ୍ଥ ଦୁଃଖର ବୈଶାଖ ॥

କୁନ୍ତୀର ଅବୈଧ ସମୟ ପରି
ମେଘ ଓ ମାଟିର ଗୋପନ ପ୍ରୀତିରୁ
ଜନ୍ମନିଏ ନଈ,
ଆଜି ବି ବନ୍ଦ ହୋଇନି ସେ କାରନାମା
ଓଳି ତଳେ ପାଣିର ସୁଅରେ
କାଗଜ ଡ଼ଂଗା ଭସାଉ ଭସାଉ

କୁନ୍ତୀମାନେ ଶିଖିଯା'ନ୍ତି
ନିରୋଳା ପାର୍କଠାରୁ ହସପିଟାଲ୍ ପଛ
ଓ ନଦୀର ଗର୍ଭରେ ହଜାଇ ଦେବାକୁ
ଅବୈଧ ସନ୍ତକ କର୍ଣ୍ଣର ଠିକଣା ॥

ନଈ ସିନା ମନା କରିପାରନ୍ତା ମେଘକୁ, ସମୁଦ୍ରକୁ
ଗର୍ଭଧାରଣ କରିବାକୁ ସେମାନଙ୍କ
ଯାବତୀୟ ଜାରଜ ଦୁଷ୍କର୍ମ
ପୋତିପକାନ୍ତା ଯୌବନର ମୁହାଣ
ମୁରବୀ ସଦୃଶ୍ୟ ପାହାଡ଼ମାନଙ୍କ ବାଲିରେ, ବାଲିରେ ॥

ସବୁପରେ, ନଈ ତ ନଈ ।

ମେଘ ଯଦି ହୁଏ ନଈର ପ୍ରେମିକ
ସମୁଦ୍ର ବି ଗୃହସ୍ୱାମୀ କେଉଁ ଅନନ୍ତ କାଳରୁ ॥

❐❐❐



ନିରାଶାର ବୈତରଣୀ


ରାଜନୀତି :

ଶହ ଶହ ଅଶୋକବନର ଶୋକ
ହଜାର ହଜାର ଶ୍ରବଣକୁମାର ଦୁଃଖ
ଲକ୍ଷଲକ୍ଷ ବାର ରକ୍ତନଦୀରେ ସନ୍ତରଣ
ଧୂ ଧୂ ଖରାବେଳ
ସାମ୍ନାରେ ବାଲିଝଡ଼
ଚାଲୁଥାଏ ଆତ୍ମାହୀନ ଓଟର ଶରୀର
କାନ୍ଧରେ ବୋହି ବୋହି ସମୟର ବେତାଳ
ଅନ୍ତରୀକ୍ଷ ଆଡ଼କୁ ଅଭିମନ୍ୟୁପ୍ରାୟ
ନିର୍ଜନତାର ଓଠ ଚୋଷୁଥାଏ
ଉଦ୍‌ଗାରି ଯନ୍ତ୍ରଣାର ଅସୁମାରୀ କଣ୍ଟାଗୁଳ୍ମ
କାଳ କାଳ
ମରୁଭୂମିର ନଥାଏ ସଠିକ୍

କେଉଁ ନିର୍ଦ୍ଦିଷ୍ଟ ଠିକଣା
ସୁ ସୁ ଶବ୍ଦରେ 'ମରଣ' ତ୍ରିଅକ୍ଷର
ଶୁଣାଉଥାଏ ପରଓ୍ୱାନା
ସେଇକାଳରେ ଆମର ଯେତେ ଯେତେ
ସଂସାରୀ ଲୋଭ ଆଉ ଲାଭ
ଲାଗନ୍ତି ଭାରି ଅଚିହ୍ନା ଅଚିହ୍ନା
ସତରେ ସେତେବେଳକୁ କ'ଣ ଆଉଥାଏ
ବାୟା ଚଢ଼େଇ ନା ତା' ବସା ।

କାଂସବିସାଂକା ପରି
କେଉଁ ଅର୍ଗଳୀରେ ମୋତେ
ଠିଆ କରାଇଦେଲ ବାପା !
ଲାଗୁଛି ମୁଁ ଏବେ ଏକ
ଅମ୍ଳଜାନହୀନ ପୃଥିବୀର ଜୀବଟିଏ
ଲାଗୁଛି ଛେଳି ପରି କେଉଁ ସରୁ ଦଉଡ଼ିରେ
ବଂଧା ହେଇଥିବା ନିଃସର୍ତ୍ତ ଜୀବନ
ପ୍ରତି ମୁହୂର୍ତ୍ତରେ ସହିବାକୁ ହୁଏ
ଯନ୍ତ୍ରଣାର ଲୁ'
କାଂଧେଇବାକୁ ହୁଏ ଯାବତୀୟ ବେତାଳମାନଙ୍କୁ
ଶ୍ମଶାନରେ ଖୋଳିବାକୁ ହୁଏ
ନିଜର ସମାଧିର ଗାତ,
ଗାଇ ଗାଇ ଚଉତିଶା ଗୀତ ।
ଅଭିମାନରେ ମୁହଁ
ଫେରାଇ ନିଅନି ବାପା !
ଦେଖିଯାଅ ଥରେ କେମିତି
ରାଜନୀତିର ଚକ୍ରବ୍ୟୁହରେ
ମୁଁ କ୍ରମଶଃ ବନ୍ଦୀଟିଏ ପାଲଟୁଛି
ପଦ୍ମଫୁଲ ତୋଳିବାର ପଣ ମୁଁ ଭୋଗୁଛି
ଯମ ଯନ୍ତ୍ରଣାର ତତଲା କଢ଼େଇରେ
ଜୀଅଁନ୍ତା ନିଆଁରେ ଜାଉ ପ୍ରାୟ ହେଲିଣି
ରକ୍ତ ନଦୀ ସନ୍ତରଣ ପାଇଁ ପ୍ରସ୍ତୁତ ହେଲିଣି ।

❐❐❐



ଏକାଦଶାହ

ଏମିତି
ଦିନଟିଏ ଝୁଲିପଡ଼ିବ
ସମସ୍ତଙ୍କ ସାମ୍ନାରେ
ପ୍ରଚଣ୍ଡ ସୂର୍ଯ୍ୟତାପରେ
ହିମବନ୍ତ ଅଂଧାର ପେଟରେ
ତୁମେ ଭୁଲିଯିବ ତୁମ ପ୍ରିୟତମ ପୃଥିବୀ


ମୁଠାଏ ପବନରେ
କବଳିତ ହେବ
ନିଃଶ୍ୱାସ ନାଁରେ ପିଣ୍ଡ ବ୍ରହ୍ମାଣ୍ଡ
ମୃତବୋଲି ଘୋଷିତ ହେବ
ତୁମ ପାଇଁ ସୂର୍ଯ୍ୟ ଚନ୍ଦ୍ର ତାରା
ଅଫିସରୁ ଫେରିବାର ଠିକଣା
ବିଳମ୍ବ ହୋଇଲେ
ଦୁଆର ବଂଧରେ ବାରମ୍ବାର
ଉଙ୍କି ମାରୁଥିବା ମୁହଁଟିଏ
ସ୍ୱୀକାର କରିନେବ ତୁମ ଅନ୍ତିମ ଯାତ୍ରାକୁ
ଚିରକାଳ ପାଇଁ

ହଠାତ୍ ତୁମ ଶେଯ ପାଲଟିଯିବ
କାଠ, କିରୋସିନିର ମହାକାଳ ନିଦ୍ରା
ମାଲଭାଇମାନଙ୍କର କର୍ତ୍ତବ୍ୟପରାୟଣତା
କେତେ ମୁଠା ମୁଢ଼ି ଓ ଚିମୁଟାଏ ନିମ ପାଣି ପିତାରେ
ଶେଷ ହେବ ଆଣ୍ଟିବାୟୋଟିକ୍ ନାଁରେ ସକଳ ଚିକିତ୍ସା
ପୁଣି ଅଜସ୍ର ପ୍ରତୀକ୍ଷା ଏକାଦଶାହ ପର୍ଯ୍ୟନ୍ତ ।

ଆୟୋଜନ ହେବ ତୁମକୁ ଚିରକାଳ
ପର କରିଦେବାର ଶୁଦ୍ଧିକ୍ରିୟା
ଚିଠା ଧରି ମୁରବୀମାନେ ତୁମ ଦାୟାଦମାନଙ୍କୁ
ତାଗିଦ୍ କରିବେ: ଏୟାକାର, ସେଇଟା କରନା
ଖୋଜା ହେଉଥିବ କ୍ରମଶଃ ହଜିଯାଉଥିବା
ଘାଟିଆ ବ୍ରାହ୍ମଣ
ପ୍ରସ୍ତୁତ ହେଉଥିବ ପତର ଉଠାଳିର ପରିଚୟ
ଲିଭିଯିବ ଜଳୁଥିବା ଦୀପଟିଏ ଏଗାରଦିନ କାଳ
ତୁମ ଘର ଦୁଆରବଂଧର ଦି'କାଠିଆ ସ୍ଥଳ
ଓହ୍ଲାଇ ଯାଉଥିବେ ଶାଢ଼ୀ, ସିନ୍ଦୂର ଓ ପାଣିକାଚମାନେ
ନଈକୁ, ପୋଖରୀ ହୁଡ଼ାକୁ ଓ ଖତଗଦାକୁ
ତୁମରି ନାମରେ ସଜାଇଦେବ
ଚିରକାଳ ଫଗୁଣ
ନିର୍ଜନ ଆମ୍ବତୋଟାରେ
ବିଚ୍ଛେଦର ସ୍ୱର ।

ଆଉ ପାଦ ପଡ଼ିବନି କେବେ
ତୁମ ତିଆରି ଦୁଆରବଂଧରେ
ଯଦି କେବେ ମନମୁଆଁସରେ
ଆସିବ ତ
କାହା ସହ ଦେଖା ହୋଇଗଲେ
ସଭିଏଁ ଭୂତ, ଭୂତ କହି
ମୂର୍ଚ୍ଛା ଯିବେ,
ସାଷ୍ଟାଙ୍ଗ କରିବେ ପ୍ରିୟ ପରିଜନ
ତାଗିଦ୍ ହେବ ନାମୀଦାମୀ
ଗୁଣିଆର ଲୁହାକଣ୍ଟା
ପୋତିବାକୁ ତୁମ ଘର ଚାରିପଟ
ସତର୍କ ଘଣ୍ଟି ଓହଳା ଯିବ
ତୁମ ଶୂନ୍ୟବେକରେ
ନ ମାଡ଼ିବାକୁ ତୁମ ପ୍ରିୟମାଟି
ଚିରକାଳ, ଚିରକାଳ ।

❐❐❐



ଲୁହର ଚିତ୍ରପଟ

ଈଶ୍ୱରଙ୍କ ଅଭାବୀ ସଂସାରରେ
'ମୁଁ' କାହୁଁ କେତେକାଳୁ ଦାଶିଆ ବାଉରୀ
ଝୁଣ୍ଟୁଥାଏ ଅନତିକ୍ରମଣ ଅଠରନଳାର ଏଲ୍. ଓ.ସି. ବାରମ୍ବାର ॥

ଭକ୍ତି ପ୍ରଲେପନରେ ମୁଁ ଚିରକାଳ ମୁଗ୍ଧ
ତୁମ ଚକା ଚକା ଆଖି ଦୁଇଟିରେ
ଯଦିଓ ମୋତେ ଭୁଲାଇ ଭୁଲାଇ
ଡାକିନିଏ ନିଃଶ୍ୱାସର ନୀଳକନ୍ଦର ॥

ପଢ଼ିଛୁ, ଶୁଣିଛୁ ଧାନର ଅର୍ଗଳୀରେ
ସାଧୁଥାନ୍ତି ନିରକ୍ଷର, ଗ୍ରାମୀଣ ମଣିଷ
ସମର୍ପିବାକୁ କେତେ ଟୋପା ଲୁହ ତ କେବଳ
ଜଣାଇବାକୁ ବାପ, ମାଆ, ଭାଇ, ଧର୍ମପତ୍ନୀ ଓ ବଂଧୁଙ୍କ
ପରି କାତର ଦୁଃଖକୁ କାକର ରଂଗରେ
ତୋ'ରି ସାମ୍ନାରେ
ମପେଇ ଦେବାକୁ ତମାମ ଅସ୍ତିତ୍ୱ
ତୋର ନିର୍ଲିପ୍ତ ଖାସ୍ ଦୁଇଟି ଆଖିରେ
ଜମା ମନେପଡ଼େନା କେଉଁ ମୃଗନୟନୀର
ଅସ୍ଥିର ପୁଅ ଡୋଳାରେ କଏଦ୍ ହୋଇଥିବା
ମୋର ପାର୍ଥୀବ ଅସ୍ତିତ୍ୱ ॥

❐❐❐

ପତିତର ଉକ୍ତି

ସରଦେଈ ଆଖିର ଯୁଗପତ୍ ବିଶ୍ୱାସ
ବିଶ୍ୱାବସୁ ପତିତର ଚିରକାଳ
ତୁମ ପାଇଁ ଯେତେ ଯେତେ ପତିତ
ତୁମେ ସତରେ ଶୁଣିଛ ପତିତର ଗୁହାରୀ

ତା' ଭଂଗା ଭଂଗା ଅଳି ଓ ଅର୍ଦ୍ଧଳି,
ତା' ନିଃସ୍ୱ ଚାଳଘରର
ନହକା ରସିଆ ବାଉଁଶର ଅର୍ଗଳି

ଶୁଣିଥିଲେ ସତରେ କ'ଣ ଛାଡ଼ି ଆସିଥାନ୍ତ
ନିଭୃତ ପାହାଡ଼ ଖୋଲରୁ ଖୋଲାମେଲା ରତ୍ନବେଦୀକୁ
ଶ୍ରୀମନ୍ଦିର ଗମ୍ଭିରା ଛାଡ଼ି
ଚିଲିକାର ନଳବଣ, ମାଣିତ୍ରୀ, ସୁବର୍ଣ୍ଣପୁରରେ
ହେବାକୁ ପାତାଳି

ନବମ ଶ୍ରେଣୀ ପାଟୀଗଣିତର
ନଳ- ଟାଙ୍କି କି ସମୟ ଓ କାର୍ଯ୍ୟସୂତ୍ରପରି
କେତେଦିନରେ ସରିବ ଇପ୍ସିତ ଜୀବନ
ବିଦ୍ୟାଳୟରୂପୀ ସଂସାର କ୍ଷେତ୍ରରୁ
କିଛି ବୁଝି ହୁଏନି
ସେତେବେଳେ ମୁଁ ଚାହିଁଥାଏ
ସ୍କୁଲ ପାଚେରୀ ସେ ପଟର
ଶାଗୁଆ କ୍ଷେତକୁ ନଚେତ୍ ନୀଳଗିରି ପାହାଡ଼ର
ଝାପ୍ସା ଝାପ୍ସା ମେଘମୟ ଶରୀର

ଯେ' ତ ଥିଲା କବିତା ନ ଲେଖିବାର ବେଳ
ଗଣିତ କଷିବାର ଅସଲ ମୁହୂର୍ତ୍ତ ।

ଆସ୍ତେ ଆସ୍ତେ ଗଣିତକୁ କରଛଡ଼ା ଦେଇ
ଆଦରିଲି 'ନୀଳଶୈଳ'ର ନୀଳମଣିକୁ
ଭୂଗୋଳର ଭୂପତି ଦେବଙ୍କୁ
ଇତିହାସର ଇନ୍ଦିବରଙ୍କୁ
କୃଷିବିଜ୍ଞାନର କୃପାନିଧାନଙ୍କୁ
ଜୀବନଯାତ୍ରା ବିଜ୍ଞାନର ଶ୍ରେଷ୍ଠ ବିଜ୍ଞାନୀଙ୍କୁ

ତଥାପି ଗାମୁଛାରେ ନୁହେଁ, ପଲିଥିନ୍ ଜରିରେ
ଭରିଦିଏ କେଉଁ ଦଳିତ ସେର ସେର ଚୂଡ଼ା
ରଥ ଭିଡ଼ି ସାରି
ପିଲାକବିଲାଙ୍କ ସହ ଦଶଟଙ୍କା ଆଳୁଦମ୍ ତର୍କାରୀରେ
ବଡ଼ଦାଣ୍ଡରେ କହୁଥାଏ ମନକୁ ମନ
ସବୁ ତୁମେ ଇଚ୍ଛା ମହାବାହୁ
ସବୁ ତୁମ ଇଚ୍ଛା' ।


ବର୍ଷକରେ ଥରୁଟିଏ ବାମନ ପାଲଟିଯାଅ, ଚକ୍‌ମା ଦେଖାଅ
ରଥରେ, ପଥରେ
ଉଦ୍ଧାରିବାକୁ ପତିତଜନଙ୍କୁ

କିଏ ସେମାନଙ୍କ ଗହଣରେ ପତିତ
ପୋଲିସ, ପ୍ରଶାସକ
କଲେକ୍ଟର, ସେବକ
ଦଇତା, ପଇତା

କିଏ ପାଆନ୍ତି ଉଦ୍ଧାର ଅଠରନଳାରୁ
ଆନନ୍ଦ ବଜାର ଯାଏଁ ପ୍ରଲମ୍ବିତ ପତିତ ଚିଠାରେ
ସିଧାସିଧ୍ ବାରଣ ନ କରି
ଶାସ୍ତ୍ରରେ ଶସ୍ତ୍ର ଖଂଜି ଦେଲ
ହାତୀ ଛାତି ପରି ବେଢ଼ା ବୁଲାଇଲ
ନା ମୁଁ ମୁଖ୍ୟମନ୍ତ୍ରୀ ନା ମୁଖ୍ୟଯନ୍ତ୍ରୀ
ଛୁଇଁ ଦେବି ତମକୁ ଆପଣାର ଭାବି

ଦେଖୁନ କେମିତି ମୋର ଦଳିତ ଚେହେରା
ତୁମ ଚେହେରା ସହ ମେଳ ଖାଉଛି
କେମିତି ବଡ଼ବଡ଼ିଆଙ୍କ ପୁରୁଷାର୍ଥ ନିର୍ବାଣ ଲଭୁଛି ॥

❐❐❐



ଶ୍ରବଣ କୁମାରମାନେ

ଦାନ ମାଝୀ କଥା ଚପିଗଲା କି ?
ନା, ଚପି ନାହିଁ
ଏବେ ବି ଗର୍ଭବତୀ ଈଶ୍ୱରୀମାନେ
ବୁହା ହେଉଛନ୍ତି ଡାକ୍ତରଖାନା
ଖଟିଆରେ, ପଟିଆରେ

ସ୍ୱାମୀ, ଦିଅରଙ୍କ ବିଣ୍ଡିବସା କାଂଧ
ଉଖାରି ପାରେନା ଈଶ୍ୱରୀର ଦୁଃଖ
କିଛି କୁହନି
କହିଲେ ମୂର୍ଦ୍ଧାବାଦ ଶୁଭିବ
ଗଣତନ୍ତ୍ରର ଶ୍ରୀମନ୍ଦିରରେ
ସାଂଗେ ସାଂଗେ ପ୍ରେସ୍‌ମିଟ୍ ହେବ
ପବନରେ ଜାରି ହେବ ଫତ୍ୱା

କୁଆଡ଼େ ଯାଉଛୁରେ ଶ୍ରବଣ କୁମାର
ଜାଣିନୁ କି ଶ୍ରାବଣ ମାସରେ ଧୂଳି ଉଡୁଛି ଓଡ଼ିଶାରେ
ପାଣି ଆଣ୍, କିନ୍ତୁ ଆଓ୍ୱାଜ ନ ଶୁଭୁ ତୋ ମାଠିଆରୁ
କିଏ ବୁଢ଼ା, ବୁଢ଼ୀ ଦୁଇଟାଙ୍କ
ଦାୟିତ୍ୱ ନେବରେ !

ଭତ୍ତା ଫର୍ମ ପକେଇଲେ ବି
ଆପେ ଆପେ ଉଭାନ ହେବ
ଆଜିକାଲି ଆଉ ଦଶରଥଙ୍କୁ ଅଭିସଂପାଦ
ଦେଲେ ବି
ଆର୍.ଟି.ଆଇ.ଆଇନରେ ବି ଶୃଙ୍ଖଳ ଲାଗିବ

ଶ୍ରବଣ କୁମାର
ଦାନମାଝୀ
ଜୀବନଟା ଖାଲି ମିଛ ବାଜି
ରହିଯା ! ଜନପଥେ ଆସୁଛନ୍ତି
ଗୌତମୀ ପୁତ୍ର ଶତାବ୍ଦୀ
ଶୁଣାଇବାକୁ ଶତାବ୍ଦୀର ପ୍ରଲମ୍ବିତ
ଦୁଃଖଶୋକ ବିବର୍ଜିତ ଜୀବନ ।

ତମେ ତ ବାପା-ମାଆଙ୍କୁ ବୋହି ବୋହି
ଶେଷରେ ମୃଗୟା ସ୍ୱରରେ ପ୍ରାଣପାତ କଲ
ଦେଖ ଏବେ ଦାନମାଝୀକୁ
ସ୍ତ୍ରୀର ଶବ ବୋହି ବୋହି
ମଟର ସାଇକେଲ ଚଢୁଛି
ଉଡ଼ାଜାହାଜରେ ଉଡୁଛି
କେତେ ସତରେ ତୁମେ ଅଭାଗା
ଶ୍ରବଣ କୁମାର ?

❐❐❐



ନିଦ୍ରିତ ଆତ୍ମନ

ମରିଗଲା ଲୋକର ଘର କେଉଁଠି ?
ଅତଳରେ, ବିତଳରେ
ମହାକାଶରେ, ମହାଶୂନ୍ୟରେ
ବିଦେଶରେ, ମହାଦେଶରେ
ସତରେ କେଉଁଠି ?

ନିଃଶ୍ୱାସ ହଜିଲେ
ପଙ୍ଗା, ପାଉତି ବ୍ୟାଙ୍କ ପାଶ୍‌ବୁକ୍‌ର
ମୋହାଚ୍ଛନ୍ନ ସମୟ ହୋଇଯାଏ ପର
କାଚ ଦୁଇପଟ ଓ ଟୋପାଏ ସିନ୍ଦୂର
ପୋଛି ଦେଇ ଚାଲିଯାଏ ଯିଏ
ଜଳିବାକୁ, ଜଳେଇବାକୁ
ତାକୁ ବୋଲିଲେ 'ମୂର୍ଦ୍ଦାର'
ସଜ ହଉକି ବାସୀ
ଦଳେ ମଣିଷ ଲଣ୍ଡା ହୋଇ
ଶୁଭ୍ରବସ୍ତ୍ରର ବେଶରେ ଦର୍ଶାଉଥାନ୍ତି
'ଆତ୍ମୀୟ ସ୍ୱଜନ'ର ପ୍ରମାଣପତ୍ର
ପଂକ୍ତି ଭୋଜନ ବେଳେ
ଲୁହ ଆସେ, କୋହ ଭରେ
ନିର୍ମାୟା ଛାତିରେ ସତେକି
ନଅଦିନ, ଦଶଦିନ, ଏଗାର କି
ବାର ଦିନର ଧାର୍ଯ୍ୟ କର୍ମସାରି
ପେତ ଛଡ଼ାଏ ନାହାକ
ଆଶ୍ୱସ୍ତି ଲଭନ୍ତି ସଭିଏଁ

ଗୋଟେ ଫଟୋ ଫ୍ରେମରେ ଚିରକାଳ
ବନ୍ଦୀ ହୋଇଯାଏ ଫଟା କପାଳର ମଣିଷ
ଝୁଲୁଥାଏ ଗୋଟେ ଶୁଖିଲା ଫୁଲର ହାର
କି ସଂସାର ଯେ କି ପ୍ରକାର ମାୟା
ଡହ ଡହ ନିଆଁରେ ପୋଡୁଥିବେ
ରକ୍ତର ସଂପର୍କମାନେ
ଯେଉଁମାନେ ଘଣ୍ଟାଏ
ପୂର୍ବରୁ ଦେଇଥିଲେ
କରିବାକୁ ଡାକ୍ତିରୀ ମାଇନା
ସତରେ କ'ଣ କରାଯାଇପାରେ
ଏଭଳି ଢ଼ଳ ଢ଼ଳ ସ୍ଥିତିରେ
କେଉଁଠି ଯେ' ସମାଧାନର ଗଣ୍ଠି

ସମସ୍ତେ କ'ଣ ହୋଇପରିବେ ଟୀକା ଗୋବିନ୍ଦଚନ୍ଦ୍ର
କିମ୍ବା ଗୌତମ ବୁଦ୍ଧଙ୍କ ପରି ସ୍ଥପତି !
ମଲାଲୋକଟି ପାଇଁ ଘୋର
ଅଭିମାନରେ ଶୋଇଯାଏ ରାତି
ମଣିଷରୁ ପାଲଟିଯାଏ ଶବ
ଶବରୁ ପାଲଟେ ପେତ
ମଲାଲୋକ କୁଆଡ଼େ ବେଶୀ ଡରାଏ
ଆତ୍ମୀୟମାନଙ୍କୁ
ମାଆ ଛାତିରେ ମୁହଁ ଗୁଂଜତି
ଅବୋଧ ସନ୍ତାନେ
ସ୍ତ୍ରୀର ବିଧବା ଶାଢ଼ୀରେ ବିତେ
ଶୂନ୍ୟତାର ଜହ୍ନରାତି
ଲୁହଭିଜା ତକିଆ ଶୁଖି ଶୁଖି

ପୁଣି ଭେଦୁଥାଏ ଶୁଖିବା ପର୍ଯ୍ୟନ୍ତ
ସବୁ ସକାଳର ଆକାଶରେ
ଛାଇଯାଏ ରାତି ଆଉ ତାତି

ନିରୋଳା ନିର୍ଜନ ରାତିରେ
କିଏ କାନ୍ଦୁଥାଏ ଭୂଇଁପଲ୍ଲା କୁଡ଼ିଆ ଭିତରେ
ଅଭାଗିନୀ ସମୟକୁ ଚାହିଁ
ବଦଳିଯାଉ ସମଗ୍ର ସଂସାର
ବଦଳିବନି ନିଃସଙ୍ଗ ବିଛଣାର ଛାଇ
ପ୍ରବୋଧି ପ୍ରବୋଧି ନିଜକୁ
ରାତି ହୁଏ ପର
ପ୍ରତି ସକାଳ ଚିହ୍ନାଏ
ଏଇ ତୋର ଘର
ମାଟିର ମନ୍ଦିର

ଆଶ୍ୱାସନାର ମନ୍ତ୍ର ଗାଇ ଗାଇ
ପବନ ହିଁ ଯାଏ ଚାଲି
ପୁଂଗୁଳା ଛାତିକୁ ଛୁଇଁ ଛୁଇଁ
ଘଟ ଛୁଟିଲେ
ଘଣ୍ଟା ବାଜେ
ଗାଡ଼ି ଛାଡ଼େ କାହାକୁ ନ ଚାହିଁ
ପହଞ୍ଚ ପର୍ଯ୍ୟନ୍ତ ଆଉ ଏକ ଷ୍ଟେସନ
ବାଟସାରା ରୁକ୍ଷ ମାଳମାଳ ଭୂଇଁ ଓ ପାହାଡ଼ିଆ ରାସ୍ତା
ଦୋହଲୁଥାଏ ନିଜେ ନିଜେ ଗାଡ଼ି
ଗଛମାନେ ଦୌଡୁଥାନ୍ତି ଟ୍ରାକ୍‌ସାରା
କା' ଦେଇ ଦେଇ

ବଗିରେ ବସେ କାଉଟିଏ
ବିନା ଟିକଟର ଯାତ୍ରୀ
ପୁଣି ଉଡ଼ିଯାଏ ମନକୁ ମନ
ହୁଁ କି ଛୁଁ ହୁଏନି ଗାଡ଼ି

ନିଜ ରାସ୍ତାରେ ସତେ ନିଜେ
ଯିବ ଖାଲି ଚାଲି
ଅପେକ୍ଷା କରେନା ଦେଖିବାକୁ
କେମିତି କାଉଟିଏ ଆଧାର ଖୋଜୁଛି
ଗଛ ସଂଧି ବସାରେ ଅପେକ୍ଷାରତ
ଶାବକମାନଙ୍କ ପାଇଁ
ହେଲେ କାଉ କି ଜାଣିଛି
ଯେଉଁଦିନ ଶାବକମାନଙ୍କର
ଡେଣାରେ ତାକତ ଲାଗିବ
ଗାଡ଼ି ପରି ଦିନେ ସିଏ ଯିବେ ଉଡ଼ି

ଯିଏ ଯେମିତି ଉଡୁ
ଯିଏ ଯେମିତି ଗଡୁ
ଚିରକାଳକୁ କିଛି ନୁହେଁ କାହାର
ଜାମା ଖଣ୍ଡେ ମଇଳା ହେଲେ
ଧୂଉଥାଏ ସମୟ ଥରକୁ ଥର
ଶୁଖୁଥାଏ ଛାତର ଖରାରେ
ଏମିତି ଦିନ ବି ଆସିଲା
ଯେଉଁଦିନ ଅର୍ଖ ନୂଆ ଜାମା ଖଣ୍ଡକ
ହେଲା ସାତସିଆଁ
ପାଲଟିଲା ଛୁଂଚକନା
ହରିହାଟ ଘର

ବଡ଼ ଚମତ୍କାର
ବୁଝାଏ ମିଶ୍ରନନା
ଜୀବନ କେମିତି ଅନାବନା
ନୀତିବାଣୀ ସବୁ ଶୁଣି
ଭୁଲେନା ଦରାଣ୍ଡିବାକୁ
ଲଣ୍ଠନ ଆଉ ବାଡ଼ି
ଧୋତିର ଗଣ୍ଠିରେ ଅଣନିଃଶ୍ୱାସୀ
ଭୋଗ ବୋଲି ନଡ଼ିଆ କଦଳୀ
କି ରହସ୍ୟେ ମିଶ୍ରନନା

ବଖାଣିଲେ ଶରୀମାର୍ଥ ବୋଲି –
'କେତେ ଦିନକୁ ମନ ବାଂଧିଛୁ ଆଣ୍ଠୁ
କି ଘେନିଯିବୁ ତୁହି ଛୁଟିଲେ ଘଟରେ
କଳା ଶ୍ରୀମୁଖ,
ଏକ ଅସମ୍ଭବ ଦୁର୍ବଳ ମଣିଷ
ଡାକିପାରେନା ଘରର ବୋହୂକୁ ବିଳମ୍ବିତ ପ୍ରହରେ
ଝିଂଜିରି ବି ଫିଟେନା
ନିଃସ୍ୱ ମଣିଷଟି ପାଲଟିଯାଏ
କତରା ଶେଯର ପରିଚିତ ଶବ
ଘୋ ଘୋ ଶବ୍ଦରେ ଉଚ୍ଛୁଳି ପଡ଼େ
ଯେତକ ତାହା ହିଁ ଅତୀତ

ମନେପଡ଼େ ସାଧା ଗଂଜିରେ
କେଉଁ ସିନ୍ଦୂରର ଦାଗ
ଆକାଶରେ ଶୁଭୁଥିବ ଏକାକୀ
ଚଢ଼େଇର ସ୍ୱର
ମାଡ଼ି ଆସୁଥିବ ଚାରିଆଡୁ ଅବର୍ଣ୍ଣ ଅଂଧାର

ଏସବୁ ହେଜିଲା ବେଳକୁ
ସମୟ ହେଲା ଉଚ୍ଚର
ଏବେ ଖାଲି ସବୁ ଦ୍ୱାରରେ ଶିକୁଳି
ବାଟ ନାହିଁ ଯିବାକୁ ମୁକୁଳି
ସାମାନ୍ୟ ବର୍ଷା, ପବନରେ
ହଜିଯାଏ ସରକାରୀ ବିଜୁଳି
ମୃତ୍ୟୁବୋଧେ ସେଇମତେ ଗ୍ରାସକରେ
ଜାଣିଲେ ବି କିଏ ଡଗର ପରାୟେ
ଡାକି ଡାକି ଯାଏ

ଏବେ ତୋର ପାଳି
ଏବେ ତୋର ପାଳ
ତଥାପି ସମସ୍ତଙ୍କର ଥାଏ
ନିଃଶ୍ୱାସକୁ ବିଶ୍ୱାସ
ଜୀବନ ଖେଳୁଥାଏ ନିରନ୍ତର ଦୋଳି
ଏ ମୁଣ୍ଡରୁ ସେ ମୁଣ୍ଡ
କେବେ କେବେ ଧୂମା ହୋଇଗଲେ
ଅଦୃଶ୍ୟରେ କିଏ ଦିଏ ଠେଲି
ପୁଣି ଗୋଟେ ଷ୍ଟେସନକୁ
ଅତିକ୍ରମ କରିବାର ଶିଢ଼ୀ ପରି ଫଳି

ଏମିତି ଦୋଳିଖେଳରେ
କ'ଣ କିଛି ମିଳେ ଭାଗ୍ୟଧର ?
ଯଦି ହୁଏ 'ହଁ'
କହିକି ପାରିବୁ ସେ ଚେତନା ରହସ୍ୟ
ଯଦି ହୁଏ 'ନାଁ'

ନିରର୍ଥକ ଏ କାଂଗାଳ ମଣିଷ

କେଉଁ ମାୟାମୋହର ଗଣ୍ଠିଲି
ପକାଇ କାଂଧରେ
ଦାଣ୍ଡ ତମାମ ବୁଲି ବୁଲି ଗାଉଛ
ଜୀବନ ଚରିତ ହେ ଚକୁଳିଆ ପଣ୍ଡା !
କେଉଁ ସ୍ତୁତି, ଗୀତିରେ ମଜିଯାଇଛ ହେ
ଭାଟପୁଅ !
ଜାଣିନ ଆମେ ସଭିଏ
ପେଟପାଟଣା ଦାଉରେ
ନୀରବ ବଂଶୀର ବାଦକ
ନିଜ ଶବର ନିଜେ ହିଁ ବାହକ
ଦଳ ଦଳ ଲୋକ ଅନିଶା କରନ୍ତି
କେବେ ପହଂଚିବ ଗାଡ଼ି
ଅପେକ୍ଷା କରନ୍ତି କେତେବେଳେ
ବାଜିବ ପ୍ରସ୍ଥାନର ହୁଇସିଲ୍
ସରିଯିବ ତିନିଘଣ୍ଟାରେ ପ୍ରେକ୍ଷାଳୟ ଚଳଚ୍ଚିତ୍ର
ଫେରିବାକୁ ପ୍ରତୀକ୍ଷା
ଚଢ଼ି ଓହ୍ଲେଇବାକୁ
ତରତର, ଭିଡ଼
କି ବିଚିତ୍ର ଯେ'
ଉତ୍ତରା ଓ ଚଢ଼ା
କି ଖଂଜରେ ଶୁଭୁଥାଏ
ମିଶ୍ରନନା ଭାଗବତ ପଢ଼ା
ଆଖି ସାମ୍ନାରେ ମୃତ୍ୟୁର ପରଓ୍ୱାନା

ତଥାପି ମଣିଷ ଲୁଚେ
ଫାଙ୍କୁଥାଏ ଜୀବନ ଟିକସ
ଚିଠା କରୁଥାଏ ଖସିଯିବାର କାଗଜପତ୍ର
ବଂଧା ଦେଉଥାଏ ବାରବାର
ନିଜର ନିଃଶ୍ୱାସ
ଥରେ ବଂଧା ପଡ଼ିଲେ
ଅଦୃଶ୍ୟ ନିଃଶ୍ୱାସ
ଐରାବତ ବି ଶୋଇଯାଏ ମାଟିରେ
ଘଟଶୂନ୍ୟ ଶରୀର ମିଳାଇଯାଏ
ନିଆଁ, ପାଣି, ମାଟିର ଦେହରେ
ଖେଳ ସରିଯାଏ
ପୁଣି ଖେଳିବା ପର୍ଯ୍ୟନ୍ତ
ଓହ୍ଲାଉଥାନ୍ତି ରାଜପୁତ୍ର ପରି ଦୁଃଖମାନେ
ଶିଢ଼ିରେ ଶିଢ଼ିରେ
ଛୁଇଁବାକୁ ମାଟିର ଠିକଣା
ବନ୍ୟାକ୍ଲିଷ୍ଟ ମଣିଷଙ୍କ ପରି
ବୟାନ୍ତ ମଣିଷ କି ବାଛେ
ମୃତ୍ୟୁ ଓ ଜୀବନର ସାପସିଢ଼ି ମଧ୍ୟାନ୍ତର
ମରଣ ବୋଲି କେଉଁ କଷ୍ଟ କାହାକୁ
ଘାରିବ ହେ ଭାଗ୍ୟଧର !

ଜୀଅଁନ୍ତା ମଣିଷ କି ନ ପାଏ ମରଣର କଷ୍ଟ
ଜୁଇକାଠରେ ଜଳିବା ପର୍ଯ୍ୟନ୍ତ
କା' ଛାତିରେ ଶୁଭେ କରତର

କର୍‌କର୍ ଶବ୍‌ଦ
କା' ଆଖିରେ ଜକେଇ ଜକେଇ ବହଳ
ନିଗିଡ଼ି ଆସେ 'ନଗଡ଼ା' ପରି ଲୁହ
କେଉଁଠି ବସିଛ ମଥାରେ ହାତଦେଇ
ରାଜା ହରିଶ୍ଚନ୍ଦ୍ର ?
ଚେତନା ଆସେ ଚିରକାଳ
'ରୋହିତ୍ୱାଶ'ମାନଙ୍କର ଶବ କାନ୍ଧକୁ ଚଢ଼ିଲେ
ଦେଖି କି ପାରୁନ -
ମଶାଣୀ ତମାମ କେମିତି ଦୁଃଖର
ଗାଲିଚା ପରେ ନିଘୋଡ଼ ନିଦରେ
ଘୁଙ୍ଗୁଡ଼ି ମାରୁଛି ମୃତ୍ୟୁ
ଶୂନ୍ୟ, ଶୂନ୍ୟ ମହାଶୂନ୍ୟରେ ଲୀନ
ହେଉଅଛି ଆତ୍ମା
ନିଆଁ, ନିଆଁ ପ୍ରଚଣ୍ଡ ନିଆଁରେ
ଜଳିଯାଉଛି ରକ୍ତ, ମାଂସର ଦେହ
ଅଣନିଃଶ୍ୱାସୀ ହେଉଛି
ସମାଧୀର ଅନାତ୍ମୀୟ ଅଂଧାର ଭିତରେ
ଆମେ କ'ଣ ଅଙ୍କ ଅଛୁ ହେ ଭାଗ୍ୟଧର !
ଯିବା ପୁତ୍ର କେବେ ନ ଆସେ ବାହୁଡ଼ି
ସଂସାର ଡାଳରେ ଝୁଲୁଥିବ ବାଦୁଡ଼ି
କାହାର ଦୁଃଖ ଧନ୍ଦା ନାହିଁ ଯେ
ଧନ୍ଦି ହେଉଥିବ 'କିଏ ଗଲା, କିଏ ଆଇଲା'

କିଏ ଦେଲା, କିଏ ନେଲା'
ଯାହା ବେଳୁ
ସେ ନୁହେଁ ତୋହର
ଯାହା ଯାହା ନେଲୁ
ଜଳ୍ପା ଭାବନା, ସେ ପୁଣି ତୋହର
ଆତ୍ମା, ଶରୀର ଠୁ ଏ ଘରଦ୍ୱାର
ସଚରାଚର ପ୍ରିୟ ପରିଜନ ସହୋଦର
ନୁହେଁ ନିଜର
ତେବେ କେଉଁଟା ପର
ନିଜର ନ ହେଲା ଯଦି ନିଜର
'ମୃତ୍ୟୁ' ବୋଲି ଯେବେ ଲାଗେ ସତ୍ୟର ମୋହର
'ମୃତ୍ୟୁ' ବୋଲି ଶବ୍ଦ ନିଗୂଢ଼ ସତ୍ୟ
ଆଉ ସବୁ ଉପମା, ଉପମା ମାତ୍ର
ଛନ୍ଦହୀନ କବିତା ଲାଗେ ସେମନ୍ତ
ଜୀବନ ନଉକା ଅଥଳ ସମୁଦ୍ରେ
ଭାସେ ଯେମନ୍ତ
ମୁଠାଏ ମାଟିକୁ ପାଦେ ନିଃଶ୍ୱାସ
କି ହନ୍ତସନ୍ତ
ଦିନ ଦି' ପହରେ ରକ୍ତ ଶୋଷୁଥାଏ
ଚିଟ୍‌ଫଣ୍ଡ ଟିଙ୍କ
'ଫଣ୍ଡ୍' ନାମରେ ଯେମିତି 'ଭଣ୍ଡ'

❐❐❐

ଆବାସ ଖଣ୍ଡେ

ବର୍ଷାର କଳା ଘୁମୁର ଶାଢ଼ୀରେ
ଲୁଚିଯାଉଛି ବିଶାଳ ଆକାଶ
ଶାଗୁଆନ ଗଛର କୁହ୍ଲା ପତ୍ର ପରି ଚେହେରା ତଳେ
ବର୍ଷାକୁ ନ ଛୁଇଁବ ବୋଲି ପକ୍ଷୀଟିଏ
ବସିଛି ନା ଲୁଚିଛି ଜଣାପଡୁନି

ତୈଳାକ୍ତ ପକ୍ଷରୁ ପକ୍ଷୀର ସିନା ଝରିଯାଏ
ଲୁହପରି କେତେଟୋପା ବର୍ଷା
ହେଲେ ଦୁଃଖର ଲଗାଣ ଆମନ୍ତ୍ରଣରେ
ଭାଂଗିପଡ଼େ ଆକାଶ
ପକ୍ଷୀ ତ ପକ୍ଷୀଟିଏ
କିଏ ଘୋଡ଼ାଇ ଦେବ ସୁଖର ପଣତ ଯେ
ସେ ମୁହଁ ଗୁଂଜି ଆଶ୍ୱାସନାର ଅମୃତ୍ଜାନ ଲଭିବ ?

ପକ୍ଷୀ କାହାରିକୁ ସରକାରୀ ଘରଟିଏ ପାଇଁ
ଆବେଦନ କରିଛି ନା ନିବେଦନ କରେ
ନା ଟଙ୍କାକିଆ ଚାଉଳ ପାଇଁ ନାଁ ତା'ର
ଦରଜ କରିଛି
ବରଂ ବାରହଜାରିଆ ପାଇଖାନା ପାଇଁ
ଆବଶ୍ୟକ ପଡ଼ିନି କାହାକୁ
ଦେବାକୁ ହାତଗୁଂଜା

ପକ୍ଷୀଟି ତ ଯେଉଁଠି ବସିଥାଏ
ସେହି ଜାଗା ପାଲଟି ଯାଏ ତା ପ୍ରଧାନମନ୍ତ୍ରୀ ଆବାସ
ପକ୍ଷୀଟି ତ ଯେଉଁଠି ମଣିଷମାନେ

ଚାଉଳ କଳାବଜାରର ହାଟ ମେଲାନ୍ତି
ସେଇଟା ତ ପକ୍ଷୀର କୋଠ ଅମାର
ପକ୍ଷୀଟିଏ ବେଶ୍ ସ୍ୱାବଲମ୍ବୀ
ଦୁର୍ବଳ ମଣିଷ ଅପେକ୍ଷା
ଉଡ଼ିପାରେ ନୀଳ ପାରାବାରେ
ତା' ଥୁକୁଲୁ ଥୁକୁଲୁ ଚାଲିଲେ ଉଜୁଡ଼ିପଡ଼େ
ବର୍ଷ ତମାମ ପ୍ରକୃତି ପାଉଁଜିର ଶବ୍ଦ ।

❐❐❐

ଟ୍ରାନ୍ସଜେଣ୍ଡର

ଅଣ୍ଡିଆଚଣ୍ଡୀ କି ମାଇଚିଆର ସଙ୍କା
ନିରୂପଣ ନ ହେଲା ନାଇଁ
ଡାରିୱିନଙ୍କ ଇଭୋଲୁସନ ଥିଓରି
କି ମହାପ୍ରଭୁଙ୍କ ଦଶାବତାରର ସାଜାତ୍ୟ
ପ୍ରତିପନ୍ନ ନ ହେଲା ନାଇଁ
ଏବେ ଭୋଟର ଲିଷ୍ଟରେ କି
ସରକାରୀ କାଗଜାତିରେ
ଛାପା ହେଲାଣି ତୃତୀୟ ଲିଂଗ ॥

କାଜଲ ତାଲିମାରେ, ବୀଣା ଗାଳି ଖାଏ ବି
ହାତ ବଢ଼ାନ୍ତି, ଅଳି କରନ୍ତି
ଇଶାରାରେ ଈଶ୍ୱରଙ୍କୁ ବଳିଯାନ୍ତି ମୋହିନୀ ବେଶରେ
ନାନି, ଅପା ଡାକୁ ଡାକୁ
ବଦମାସିଆ ଡ୍ରାଇଭରର ହାତଛୁଏଁ
ଅଜାଗା ଜାଗାରେ
ହସିଦିଏ, ଫସିଯାଏ ବୋଲି
ନେସିଦିଏ କର୍କଶ ବକ୍ଷୋଜ
ଖାସ୍ ଟଙ୍କା ଦଶଟା ପାଇଁ ॥

ସବୁ ହସ କାନ୍ଦ ପାଇଁ ଟଙ୍କା ମାଗେ
ଟୋଲ୍‌ଗେଟ୍ ରହଣି ଥାନରେ
ପେସେଂଜର ଟ୍ରେନ ବଗିର ଭିତରେ
ନଚେତ୍ ଅପା ଦେଖେଇବ ବୋପାର ତୋଡ଼
ତଲାସି ନେବ ଅନ୍ତଃବସ୍ତ୍ର ଠୁଁ ଅନ୍ତଃସ୍ଥଳୀ ଯାଏଁ ॥

ଭିତରେ ଭିତରେ କିଏ ଜଣେ କାନ୍ଦୁଥାଏ
ପ୍ରସ୍ତରୀ ଅହଲ୍ୟା କାନ୍ଦୁଥିଲା କି କ'ଣ

କିଏ ଜାଣେ
ଛାତିରେ କାଂଚୁଲା ବାଂଧୁଥାଏ ଛାତିଏ କୋହ
କି ଜୀବନ ଇୟେ !
ଯେଉଁଠି ପରିଚୟ ବୋଲି ଶବ୍ଦ ଲାଗେ -
ହରିଣ ନ ଦିଏ ଧରା ।

କେହି ଜଣେ ଭାବୁ:
ସିଏ ମୋ ବଡ଼ପୁଅ/ ସାନଭାଇ
କେହି ଜଣେ କହୁ :
ତୁ' ବି ଈଶ୍ୱରଙ୍କ ସନ୍ତାନ
କେହି ଜଣେ ଗୀତଗାଉ:
ତା' ଜଳନ୍ତା ଦି'ପହରର ଶୂନ୍ୟତାରେ
କେହି ଜଣେ ପାଖକୁ ଆଉଜାଇ ଆଣୁ
ବିନା ଦୋଷରେ ତା'ର ଅଭିଶପ୍ତ ପିଣ୍ଡକୁ
ରାଜ୍ୟ ଜୟ କଲା ପରି ଲାଗିବ ।

ଆମେ ଦେବତାଙ୍କୁ ଡରୁ
ଅସୁରଙ୍କୁ ବି ଡ଼ରୁ
ନେତାଙ୍କୁ ବି ଡ଼ରୁ ।

କୁବେର ପୁରୀକୁ ଧାଆନ୍ତି ଯକ୍ଷବର୍ଗ
ଆରମ୍ଭନ୍ତି କୁଆଡ଼େ ଗାଉଣା ବାଜଣା
ଟିକେ ତାଳଭ୍ରଷ୍ଟ ହେଲେ ଅଭିସଂପାତ
ନାଗ ଲୋକ ତ କେଉଁଠି ସହଜେ
ନ ହୁଏ ଠାବ
ତୁଷାର ମାନବ କି ଏଲିଅନ୍
କାହାକୁ ଦେଖିଛ ହେ ମଣିଷମାନେ ?
ଯଦି କେହି ଦେଖିଛ
ତେବେ କାଚଉଠା ଗାଡ଼ିର
ସେପଟେ ଠିଆ ହୋଇଥିବା
ନିର୍ଦ୍ଦୟତାରେ ସିଝୁଥିବା
ଆମ ପରି ଦୁଃଖୀ ମଣିଷଟିଏ,
ନାଁ ତା'ର ଟ୍ରାନ୍ସଜେଣ୍ଡର ॥

❐❐❐

ସନ୍ଧି

ହାରିଯିବା ଅପେକ୍ଷା
ସମୟ ସହ ସଂଧି
କରିନେବା ଭଲ
ପୃଥିସାରା ଯେତେ ଯେତେ
ପ୍ରାଣୀ, ଅପ୍ରାଣୀ
ସଭିଏ ସଂଧିଯୁକ୍ତ
କାଳବେଳ ନିର୍ଘଣ୍ଟନୁସାରେ ॥

ବେଳେବେଳେ ନିଜ ସହ ସ୍ୱାକ୍ଷରିତ ହୁଏ
ନିଜର ସଂଧି
ପଞ୍ଚଭୂତ ସହ ସଂଧି
ପରଓ୍ୱାନା ଠାରୁ ପରମାତ୍ମାଙ୍କ ଯାଏ
ଲମ୍ବିଥାଏ ଲେଖା ଅଲେଖା
ସଂଧିର ତାଲିକା ॥

ସଂଧି ତ ହୁଏ
ପୁଣି ଭାଂଗେ ଆଉ ଏକ
ସଂଧି ହେବା ଯାଏ
ବାନର ଭାଲୁଙ୍କ ସହ
ସଂଧି ହୁଏ ତ୍ରିପୁର ବିଜୟୀ
ରାବଣର ମୃତ୍ୟୁ ପାଇଁ
ସନ୍ଧି ହୋଇପାରିଲାନି
ପାଂଚଖଣ୍ଡ ପଡ଼ା ପାଇଁ ଯେ
ପୁତ୍ରକଟା ମୁଣ୍ଡ ଦର୍ଶନରେ

ରକ୍ତନଦୀ ତଟରେ କାନ୍ଦୁଥାଏ
ଅହଂକାରୀ, ବ୍ୟଭିଚାରୀ ମାନୀ ଦୁର୍ଯ୍ୟୋଧନ
ହିନ୍ଦ୍- ଚାଇନା ଭାଇଭାଇର ନାରା
ପୋତିପଡ଼ିଲା ଅକ୍ସାଇଚିନ୍‌ର
ବରଫ ତଳେ
ଏବେ 'ଡୋକଲାମ୍'ରେ ବ୍ୟବଚ୍ଛେଦ
ହେଉଛି ସେଦିନର ସଂଧିପତ୍ର
ଏଲ୍‌ଓସି ପାଲଟିଛି ଧର୍ମକୁ ଆଖି ଠାର
ସବୁ ସଂଧି ଫନ୍ଦିର ସ୍ୱରବର୍ଣ୍ଣ
ବ୍ୟଞ୍ଜନବର୍ଣ୍ଣକୁ ଫୁରୁଡ଼ିରେ
ହାତ ଟାଙ୍କିମାରୁଛି ଉତ୍ତର - କୋରିଆର
ପରମାଣୁ ଦଇତା
ଭାରତ ସାମ୍ନାରେ ଯାବତୀୟ
ଶ୍ରୀଖଣ୍ଡିମାନଙ୍କ ଶଙ୍ଖ କୋଳାହଳ ॥

କୁରୁ ପାଣ୍ଡବ କିଏ ହେ !
ସବୁଙ୍କ ପିଠି ପଛରେ ତ ସୂତପୁତ୍ରର ଠିକଣା
ସବୁରି ବେକରେ ଝୁଲୁଛି
ଜାଲ୍ ଆଇକାର୍ଡ଼ର ଛଳନା
ଭଗବାନଙ୍କୁ ଭଗବାନ ବୋଲି ଭାବିବା

ମଣିଷକୁ ମଣିଷ ଭାବରେ
ରାମ ରହିମ୍ ପରିକା କେତେ କେତେବାପା
ହୋଇପାରିବେ କେବେ କ'ଣ
ଅଯୋନି ସମ୍ଭୂତ ସ୍ୱୟଂଭୂ
ସୃଷ୍ଟି ସର୍ଜନାର ଗୁଢ଼ତତ୍ତ୍ୱ ଏନ୍ତୁଡ଼ିଶାଳରେ ।।

ସବୁ ମିଛ କହି ଜଜ୍‌ଙ୍କୁ ବି ଦଳେ ବୁଝାଇ ଦିଅନ୍ତି
ସାର କ୍ଲାସରେ, ନେତା ପବିତ୍ର ଗୃହରେ
ପତି ପତ୍ନୀଙ୍କୁ ଘନ ଅଂଧାର
ବିଛଣା ଉପରେ
ସୁନା ବଦଳେଇବା ଦଳ ଆଖିର ସାମ୍ନାରେ
କବିଟିଏ ଅକ୍ଷର ସଂଧିରେ
ଶିଶୁଟିକୁ ସ୍ତନର ମୋହରେ
ଯେ' ସବୁ ସେଇ
ସଂଧିର ମାୟାମୃଗ ପ୍ରାୟେ ନୁହେଁ କି ?

❐❐❐

ବୈକୁଣ୍ଠେ ବସିବି ନାହିଁ

ଆଖି ନାହିଁ କାନ ନାହିଁ
ଚୂଲି ନାହିଁ ଚାଳ ନାହିଁ
ହଜିଗଲେ ଦୋଷ ନାହିଁ
ମରିଗଲେ ବି ଦକ ନାହିଁ

ଗୋଟେ ନାହିଁ ନାହିଁ ପୃଥିବୀର ଅଙ୍କନ
ଜନ୍ମ : ଏକ ଅସ୍ପୃଶ୍ୟ ସୂର୍ଯ୍ୟର ଜୀବନ
ଉଇଁଲା କେତେ / ହଜିଲା କେତେ
ଡୁବିଲା କେତେ / ମିଳିଲା କେତେ
ସଦାକାଳ ତା' ଜାତିଜାତକରେ ଲେଖା
କାଉଁଳିଆ କାମଳ ଭବିଷ୍ୟ

ଅତୀତ ତ ଧାନକଟା କିଆରୀ ପରି
ଖୁବ୍ ନିଃସଂଗ ନିଃସଂଗ
ଆଖି ପାଇଲା ଯାଏଁ ସବୁରି ନିଅଣ୍ଟ
ଅସହାୟତାର ପରିଚୟ ପତ୍ର ନେଇ
କିଏ ଗୋଟେ ଦୌଡୁଥାଏ
ଗୋଧୂଳି ଲଗ୍ନ ଯାଏ ଗାଁ ଦାଣ୍ଡରେ
ସନ୍ତସନ୍ତିଆ ବରଡ଼ା ତାଟର ଜାଙ୍ଗୁଲୁ ଜାଙ୍ଗୁଲୁ ଅଂଧାର
ରୋକି ପାରେ କି ଇଅଁଳା ପିଂଗଳାଙ୍କ ଯଉବନୀ ଖେଳ
ଥିଲେ ବି ପେଟ ତମାମ ଭୋକର ଭୂଗୋଳ

ତଥାପି ତଳିପେଟର ସ୍ନାୟୁ କିମ୍ବା ଚକ୍ର
ଏତେ କିଆଁ ଋଷଶୃଙ୍ଗୀୟ ଶୈଳୀରେ ଆତଯାତ
ମଣିଷ କିଆଁ ଗୋଟେ ଆଇଁଷିଆ

ବାସ୍ନାରେ କାଳକାଳ ବିଭୋର

ଯିଏ ହତ୍ୟା କରିପାରେ ସଂସ୍କାର ସକଳ
ନିଜେ ପାଲଟେ ପୁନଶ୍ଚ କଂଚା ମାଉଁସଖିଆ
ଆଦିମ ମଣିଷ
ସକାଳ ଖବର କାଗଜରେ ଲେଖା ହୋଇଥାଏ
"ଅନାହାର କାରଣରୁ ଦୁଇପୁଅ / ଦୁଇ ଝିଅ ସହ
ବାଉରୀ ଦମ୍ପତ୍ତିଙ୍କ ଆତ୍ମହତ୍ୟା" ।

❐❐❐

ଡାକମୁନ୍‌ସୀ

ସେନାପତି ଆପଣେ !
ଘେନିବା ହେବେ ଆମ୍ଭର ଯଥାଯଥ ମାନ୍ୟ

ଓଡ଼ିଶା ମୁଲକ
ଆଜ୍ଞାଙ୍କ ଲୁହଲହୁର ନୟନ ପିତୁଳା
ଅଇଛା ବି ଯୋଗାଇଛି ଉଷୁମ ଉଷୁମ
ତାଜା ଖବର:
ଦାନମାଝୀ କାଂଧରେ
ନଗଡ଼ାର ନଗ୍ନ କଂକାଳ ଭିତରେ
କନ୍ଧମାଳ ଗୁଳିବର୍ଷଣରେ
ପଙ୍ଗାଲୁଣା ପରି ଲିଭରପୁଲ୍ ଝବୁକରେ ॥

ସେଦିନ କିଏ କହୁଥିଲା ଫୁଲାଡ଼ି ଛକରେ
ହରିସିଂହ ବୁଢ଼ାକୁ ଦେଖିଥିଲା
ପେନ୍‌ସନ୍ ଆଣିଲାବେଳେ ଅଟୋରିକ୍ସାରେ
ମୋତିଗଂଜ ସିନେମାଛକ ଚା' ଦୋକାନରେ
ସମୟ ହାତ ଠାରି ଚିହ୍ନାଇ ଦେଲା
ଇଂଲିସ ଭୁସି ଖିଆ ମେରୁଦଣ୍ଡର ପ୍ରାଣମୟତାକୁ
ସେଇଦିନୁ ନଇଁ ନଇଁ ଯାଉଛି ହରିସିଂହ
ସୂର୍ଯ୍ୟ ନଇଁଲା ପରି
ସ୍ୱର୍ଣ୍ଣଚୂଡ଼ ପାହାଡ଼ ସେପଟେ
ସୁନହଟ୍‌ର ବଖୁରିଆ ଘରେ
ଯାଉଛି ଆସୁଛି ଅବିଶ୍ୱାସୀ ନିଃଶ୍ୱାସ

ପୁଅ, ବୋହୂ, ନାତି-ନାତୁଣୀ ସବୁ
ଏବେ ମାର୍କିନ ଦେଶରେ
ବୁଢ଼ା ତଉଲୁଛି ଇଂରେଜ ଜମାନା
ଓ ଦେଶୀଆ ଲୋକଙ୍କ ମଧ୍ୟରେ
ଟଣା ହୋଇଥିବା ଏଲ୍.ଓ.ସି.

କେଉଁଠି ନା କେଉଁଠି ପଶିଯାଉଛି ରକା
ବଡ଼ ଦହଗଂଜ କରୁଛି
ଗଂଜଣାର ଲୁହଭର୍ତ୍ତି ଆଖି
ରାତି ଅଧରେ ଅଣ୍ଡାଳୁ ଥାଏ
କନ୍ଥାତଳେ ସଂଗୁପ୍ତ ପେନ୍‌ସନ୍ ଖାତାଟିକୁ
ଯିଏ ଉଭା ହେଇଚି ବଂଚିବାର ଦଲିଲ ରୂପରେ

କଲିଜାର ନକ୍କାରେ କେଉଁଠି
ମପାହୁଏନି ସଂପର୍କର ଖିଅ
ସଂପର୍କ ତ ଚିରକାଳ ଦେ'ଣ ନେ'ଣର
ଗୋଟେ ଲିଖିତାଙ୍କ ସୂତ୍ର

ସେନାପତି ଆଜ୍ଞା !
ହରିସିଂହର ମାଟିଆ ପୋଷାକ ତଳେ
ଅଣନିଃଶ୍ୱାସୀ ଓଡ଼ିଆ ଜାତିର
ଭାଗ୍ୟ ଓ ଭବିଷ୍ୟ
ଲେଖିଲାବେଳେ
ଏଭଳି ଖାସା ଗପଟିଏ
ଏମିତି ତେର୍ଛେଇକି ନାଛି ଦେଲ ଯେ

ନା ସେ ବୁଢ଼ାକୁ 'ହରି' ହିଁ ତାରିଲେ
ନା ବୁଢ଼ା 'ସିଂହ' ପଣରେ
ଜଙ୍ଗଲର ରାଜାଟିଏ ହେଲା

ବରଂ ଫକୀରମୋହନ ଗୋଲେଇ ପାଖରେ
ଠିଆ ହୋଇ ହୋଇ
ଷ୍କେଚ୍ୟୁଟିଏ ପାଲଟିଲା

ସେଇ ଅମଳୁ
ଡାକମୁନ୍‌ସୀ ହରିସିଂହ
ପାଲଟିଗଲା ଗୋଟେ ମିଥ୍
କେହି କେହି କୁହନ୍ତି:
ନିଜେ ତୁମେ 'ମଲ୍ଲ' ପୁଅ ପରି
ହରିସିଂହର ଖାକି ପୋଷାକ ତଳେ
ସେନାପତି ଫକୀରମୋହନ ॥

❐❐❐

କଣ୍ଟ କବିତା

● ବିଷ୍ଣୁ ସେଠୀ

ଆ ହୁଲା ଶୂନ୍ୟ ଏ ନିଃଶ୍ୱାସ
ଚାଲୁଥାଏ ପାଣିଫୋଟକାରେ
ଲୁଚିଲୁଚି ଅନ୍ତରୀକ୍ଷ ପଣତ କକ୍ଷରେ
ପ୍ରସ୍ଥାନର ସମୟ
ତମାମ ପ୍ରେକ୍ଷାଳୟ ପାଲଟି ଯାଏ
ଏକଦମ୍ ଶୂନ୍ୟଶୂନ୍ୟ, ମରୁଭୂମିର ନୀରବତା ॥

କେତେ ଦିନକୁ ଭରସା
ନା କେତେ ଘଣ୍ଟାକୁ କଣ୍ଠ
ଯେମିତି ପ୍ରବେଶି ଥିଲା
ସେଇମିତି ପ୍ରସ୍ଥାନି ଯାଏ
ସଂସାରରୁ ଜୀବନ ନା ଆସିଲା ବେଳେ
ଜନ୍ମଦାତ୍ରୀର ହେତୁ ଥାଏ
ଗର୍ଭସ୍ଥ ସଂତାନର ଭ୍ରୁଣ ପରିଚୟ
ନା ପ୍ରସ୍ଥାନ ପୂର୍ବରୁ ନିର୍ଦ୍ଧାରିତ ହୋଇଥାଏ ମୃତ୍ୟୁର
କାଳ, ଦଣ୍ଡ, ଲିତା, ଇତ୍ୟାଦି ଇତ୍ୟାଦି

ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ତାରା
ଗ୍ରହ ଉପଗ୍ରହଙ୍କର ବିଚାର ବିମର୍ଶରେ ଚାଲେ
ନିର୍ଦ୍ଧାରିତ ଅକ୍ଷାଂଶ, ଦ୍ରାକ୍ଷିମାର ଗାର ଛୁଇଁ ଛୁଇଁ
ଚେତେଇ ଦିଏ କେଉଁ ଗ୍ରହାଚାର୍ଯ୍ୟ
ଜ୍ଞାତିକୁଟୁମ୍ବଙ୍କୁ ରାହୁ- କେତୁ- ମଂଗଳ ଚଳନ
ତୁଳସୀପତ୍ର କେତୁଟା ଭିଜୁଥାଏ ଷ୍ଟିଲତାଟିଆରେ
ବାପା, ବାପା, ଭାଇ, ଭାଇ ଡାକରାରେ

ପେଉଥାନ୍ତି ନିବୁଜ ହୋଇଥିବା ନିଷିଦ୍ଧ ଦାନ୍ତ ପାଟିରେ
ନିରେଖୁଥିବେ ମୋ ବାଁ ହାତର ନାଡ଼ି
ତା'ପରେ ଟାଣିଦିଏ କିଏ ଟାଣିଦିଏ
ଯାତ୍ରା ପେଣ୍ଡେଲର ଅନ୍ତିମ ପରଦା ॥

ହଠାତ୍ ହିରୋସୀମାର କୋଳାହଳ
ମୋତେ ମଶାଣୀକୁ ପଠେଇବାର
କାଇଦା କୌଶଳ
କେତେ ଲୁହ ବହିବ କେତେ ଦିନକୁ
ମୋ ସ୍ତ୍ରୀ ଲୁଚାଇବ ତା'ର ବିଧବା ହାତକୁ
ପିଂଧା ଲୁଗା ପଣତରେ
ଖୁବ୍ ସନ୍ତର୍ପଣେ
କହୁଥିବ : ନାଁ, ସିଏ ଏବେ ବି ଜୀବିତ ।

❐❐❐

ରାସ୍ତା ଅସରନ୍ତି

ଆସିଲାଣି ରାତି ପାହି ପାହି
କିଏ ସେ ଡାକୁଛି ମୋ ନାଁ ଧରି
ନିର୍ଜନ ପ୍ରହରେ ରହି ରହି
କେତେ କାମ ଅଛି ସାରିବାକୁ
ଯମ ଜଂଜାଳ ଘାରେ ରାତିଦିନ
କିଏ କାନ ପାତେ ରହିବାକୁ ।

ମନେନାହିଁ କେବେ ମନେ ନାହିଁ
କେଉଁଠୁ ଆସିଲି କୁଆଡ଼େ ବା ଯିବି
ଆଉ କେତେ କାଳ କାଳ ପାଇଁ
ସାମ୍ନାରେ ଦେଖୁଛି ସିଏ ନୁହେଁ ମୋର
ତା' ଆଗେ ରହିଛି ଜୀବନ ଚକର
ପଛରେ ଯାହା ମୁଁ ଛାଡ଼ିଯିବି ଦିନେ
ସେଇ ହେବ ମୋର ନିଜର
ଅନ୍ଧାର ରାତି ଝଡ଼ର ଆକାଶେ
ଚାଲିଛି ପଥିକ ଡରିଡରି
ମୃତ୍ୟୁ ତ ଆଗରେ କଢ଼ାଉଛି ପଥ
ଜୀବନ ଲାଗୁଛି ଭାରି ଭାରି
ଜୁଲୁଜୁଲିଆ କୀଟର ଆଲୋକେ
କହୁ କିଏ ଯାଇଅଛି ଉଦ୍ଧରି
କିଏ ସେ ଡାକୁଛି ନିର୍ଜନ ପ୍ରହରେ
ରହି ରହି ।

ଆଖି ଆସିଲାଣି ମୁଦିମୁଦି
ଲୋଭ ଦଉଡ଼ିରେ କିଏ ବାଂଧି

ନେବା ପାଇଁ ଦ୍ୱାରେ ହାତ ମାରିଲାଣି
ମୁଠାଏ ଚାଉଳ ଥିଲି ରାଂଧି
ଚାଉଳ ତ ନାହିଁ ଆଉ ହାଣ୍ଡିରେ
ଜାଳ ଜଳୁଅଛି ଆକାଶର ତଳେ
ଉଠ ବାବୁ ଗୋବିନ୍ଦ ଚନ୍ଦ୍ର
ଜୀବନ ଯିବାକୁ
ଚିଟାଉ ଦେଲାଣି
ବସି କାନ୍ଦୁଅଛି ଗର୍ଭଧାରିଣୀ
ଅନନ୍ତ ଆକାଶ ଦିଗ ବାରେଣୀ ।

❐❐❐

ମାନସାଙ୍କ ନା ଲିଖିତାଙ୍କ

ବର୍ଷାଧାରାରେ ଗଛମାନେ ଗାଧୋଇ ସାରିଲେ
ଓଦା ମାଟିରୁ ଖୋଜିବେ
ଆହାର ନା ସ୍ୱପ୍ନ
ଆହା ମୋର ଆକାଶୀମନ
ତିଥିକୁ ତିଥି ଅନ୍ତର ବିଭିନ୍ନ ଜହ୍ନ ।

ଦେଖ ! କେଉଁକାଳୁ ବତୁରିଗଲାଣି ମାଟି
ଏବେ ଚେର ପ୍ରବେଶ, ଗର୍ଭ ପ୍ରକାଶ
ଯେଉଁଠି ଅସୁବିଧା ପାଇବ ବାଟ କଢ଼େଇ
ବାଟ ଧରିବ, ନାଟ କରିବ
ଚଢ଼େଇଙ୍କ ଠାରୁ ସ୍ୱର ଶିଖିବ
ଗୀତ ସରିଗଲେ ଏ ମିତ ସରିବ
ଗଛର ଫଳକୁ ନିଘା କରିବ ।

ସବୁ ଗଣିତ ବହିରେ ଥାଏ କି ମାନସାଙ୍କ
ପୁଣି ଲିଖିତାଙ୍କ
ବଜ୍ର ଗୁଣନ ନାରୀହରଣ
ଯାହାକୁ ଯେତେ
ତୁ ପୋଡ଼ାମୁହାଁ ପଚାରୁ କେତେ' ?
ନୀଳ ମାଷ୍ଟ୍ରାଣୀ ଶାଢ଼ୀ ଧଡ଼ି
କିଏ କଇଁଚିରେ କାଟିଚି
କରିବାକୁ ଉଷୁଦ ମୂଳିକା, ଛପିଛପିକା
ବାସନ୍ତୀକ ରାତିଟିଏ ପାଇଁ ।
ତୁମ ଆଖିର ଗହୀରତା

ଭଲି ଆମ ଗାଁ ପାଟବିଲ
ବେଣାଦଣ୍ଡା ଜଙ୍ଗଲ
କୋକି ଓ ଠେକୁଆଙ୍କ
ସୁନ୍ଦର ମହଲ
ବେଳେବେଳେ ଗୋଡ଼ାଏ ଅଢ଼େଇ କିଆରୀଆ ତମ୍ବ
ନିଧିପଣ୍ଡା ପୋଖରୀ ପାଖରୁ

ଚାଷ ବୃତ୍ତି ବନ୍ଦ
ଫସରଫାଣ୍ଡିଆ, ଗେଣ୍ଡାଳିଆମାନେ
ଆକାଶରୁ ଥାଇ ନିଘା କରନ୍ତି ପେଟ ପାଇଁ ଦାନା
ଯେତେବେଳେ ଫୁଟେ ସମସୁଲ ମିଆଁ
ଛଡ଼ରା ବଂଧୁକର ଗୁଳି ।

❐❐❐

ନଗଡ଼ା

ଏଇ ଯେ ନଗଡ଼ା
ଭାରି ଆବୁଡ଼ା ଖାବୁଡ଼ା
ଏଠି ରାସ୍ତା ପରି
ମଣିଷର ଭାଗ୍ୟ
କେବେ ହୋଇବ ସଜଡ଼ା ?

ଅମୃତସ୍ୟ ପୁତ୍ରାର ଆଖି କୋଟର
ଖଣିପରି ଖାଲୁଆ ଖାଲୁଆ
ଛାତିର ଗୋଟି ଗୋଟି ହାଡ଼କୁ
ଚମଡ଼ାର ଚାଦର ତଳରୁ
ଗଣୁଥାଏ ମାଆଟିଏ ଦାଣ୍ଡ ଦୁଆରବଂଧରେ
ଭାବୁଥାଏ କେଉଁ ଅଶୁଭ ମୁହୂର୍ତ୍ତରେ ଓହ୍ଲେଇଯିବ
ପ୍ରିୟତମ ହୃଦୟଟି
କୋଳରୁ ମଶାଣି ଭୂଇଁକୁ
ସେଥିପାଇଁ ଚେଙ୍କ ଦିଏ
ସମର୍ପୁଥାଏ ଅଦୃଶ୍ୟ ପେନୁଙ୍କୁ
ଶରଣ ପଶୁଥାଏ
ଦିଶାରୀର ବେଲପତ୍ର, ସିଂଦୂରିଆ ବେତର
ନହକା ଚେହେରାରେ ॥

ସତୁରୀ ବର୍ଷ ବିତିଲାଣି
ତଥାପି ମଣିଷ ଜାଣେନି
ସର୍କାର କିଏ
ପୁଷ୍ଟି ଅପୁଷ୍ଟିର

ସୀମାରେଖା କେଉଁଠି
ତା କାଂଗାଳ ଭାଗ୍ୟର
ୱାର୍ସଦାର କିଏ ?

ବରଂ ଭରସୁ ଥାଏ ଗଛ, ମାଟି
ବଣଲଟା ନିର୍ବାକ୍ ପାହାଡ଼ର ସଂଧି
ଯେଉଁଠି ଚକ୍ରାନ୍ତର ଭୋଟ୍‌ବାକ୍ସ
ଚିରକାଳ ନ ପାରିଛି ରୁନ୍ଧି
ସେଠି ପାହାଡ଼ର ପରିଚୟ ନିରୁତା ନିରୁତା
ଜଙ୍ଗଲରେ ଶୁଭୁଥାଏ ଜୀବନ କବିତା
ମୁର୍କିହସା ଦେଇ ବାଙ୍କିଯାଏ ସନ୍ଦେହୀ ଝରଣା
ସରଳ ଗାମୁଛା ଖଣ୍ଡେ ଘୋଡ଼ିଥାଏ ତମାମ ଆକାଶ ।

❐❐❐

ଅଦୃଶ୍ୟ ଉବାଚ

ଜୀବନ : ବୁନ୍ଦାଏ ପାଣିର ଗଜଲ
ସେଥିରେ ଜହ୍ନ ପରି ଫୋଟକା ଫୁଟେ
ଅବୈଧୀଭୂଣ ପରି ପୁଣି ମିଳେଇଯାଏ
ତା'ମାର୍ଗରେ

ସବୁ ମୁଠାଏ ପବନର ଖେଳ
ସକାଳ କଥା ଦି ପହରକୁ ନାହିଁ
ଦିପହର ପୃଥି ବଦଳିଯାଏ ସଂଜକୁ
ଆଉ ରାତି
ରାତି ତ ରାତି ଅଦୃଶ୍ୟ, ଅନ୍ତରୀକ୍ଷ, ଅନତିକ୍ରମଣ
ପବନ କେଉଁଠି ଭୂମିଷ୍ଠ ହୁଏ
ଯେ ଘେରି ଯାଇଥାଏ ସଚରାଚର
ପ୍ରେମିକାର ଚିତ୍ରପଟ୍ଟ ପରି
ପ୍ରତି ଲୋମକୂପରେ
ଜୀବକୋଷର ପ୍ରତି ଠିକଣାରେ
ଯା, ବିହୁନେ ଘୋଷଣା ହୁଏ
ମୃତବ୍ୟକ୍ତିର ନିର୍ଦ୍ଧାରିତ ଡାକ ଠିକଣା

ସବୁ ମାସ ଶେଷରେ
ପେନସନ୍ ପେପରରେ ଦସ୍ତଖତ କରୁଥିବ
ମୋର ବିଧବାପତ୍ନୀ
ରିନ୍ୟୁ କରୁଥିବ ମାର୍ଚ୍ଚମାସରେ
ମୋ ନାଁ ପୂର୍ବରୁ ଅଙ୍କା ହେଉଥିବ ଚନ୍ଦ୍ରବିନ୍ଦୁର
ଦ୍ୱିତୀୟା ଜହ୍ନର ଚିହ୍ନ
ପିଲାମାନେ ଭାବୁଥିବେ–

ମାଆ ବଂଚି ରହୁ
ବେକାର ସାନପୁଅ ଚିରକାଳ ସବୁଠୁ କଟାଳ କରୁଥିବ
ମୁଁ ଥିବି କେଉଁ ଭୂଲୋକରେ
ଅଚିହ୍ନା ଭୂଗୋଳ ପୃଷ୍ଠାରେ
ଅଦୃଶ୍ୟ କେଉଁ ଜରାୟୁ ମଧ୍ୟରେ
କିମ୍ବା ଅତୃପ୍ତ ଆତ୍ମାର ସତ୍ତାରେ

ବାରଦିନ ଶୁଦ୍ଧିକ୍ରିୟା ପରେ ବି
ଅନାହୂତ ପୁଷ୍କର ବେଶରେ
ମୋ ଝିଅ, ଝିଆଣୀ, ବାଂଧୁଥିବେ
ତାଙ୍କ ପିଲାଙ୍କ ବେକରେ
ଖଣ୍ଡେ ଖଣ୍ଡେ ଛାଂଚୁଣୀ କାଠି
ବସିଗଲେ ମାଇପି ଆସର
ଗମ୍ଭୀର ହୋଇ ମୋ ସ୍ତ୍ରୀ କହୁଥିବ
"ହଁ, ସେ ଛାଇ ଛାଇ ଦୃଶ୍ୟରେ
ଆସିଥିଲେ ଗଲାକାଲି ରାତିରେ,
ମୋ ମୁଣ୍ଡରେ ହାତ ମାରିଲାରୁ
ମୁଁ ଚମକି ପଡ଼ିଲି"

କି ଦୁଃଖ ! କି ବୈଧବ୍ୟ ଯନ୍ତ୍ରଣା
ମୋ ପରି ଏକ ଭୂତ ଚରିତ୍ରର
ମୁଁ ଭୂତ, କାଳଭୂତ, ପାଳଭୂତ
ବ୍ରହ୍ମରାକ୍ଷସ କି ସଂଜୁଆଳି ପେତ
କେଉଁଠି ମୋ ଆସ୍ଥାନ
ନାହିଁ ନ ଥିବା ସଂପତ୍ତି ଗୋଟାଉ ଗୋଟାଉ
ତ୍ୟାଗ କଲି ଏ ମର ସଂସାର
ମୁଁ ସେହି ସମୟର କି ନଚିକେତା ?

❐❐❐

ଦିଅଁ ଦର୍ଶନ

ବଡ଼ ଦାଣ୍ଡକୁ ଆସିବ ବୋଲି
ନେତାଙ୍କ ଠାଣିରେ, ପଣରେ
କେତେ କାକୁସ୍ତ ପ୍ରାଣ ଅପେକ୍ଷାରେ ଥା'ନ୍ତି
ତୁମ ପହଣ୍ଡି ବିଜେର
ସାମନ୍ତ ପଣକୁ, ନିର୍ମେଷ ନୟନରେ ଚାହିଁ ଚାହିଁ
ଝିପିଝିପି ବର୍ଷା ଆଶ୍ୱାସନା ଦିଏ
'ସବରକର ! ମଣିମା ଏଇ ଆସୁଛନ୍ତି'

ଜାରି ଦେଉଥିବା ଗୁଳୁଗୁଳି ଭିତରେ
ସାନପୁଅ ଅଡ଼ିବସେ
ଆନନ୍ଦ ମୁଠାଏ ପାଇଁ
କେଉଁ ପେଁ କାଳୀର ଧ୍ୱନୀ ନାଦରୁ
ବଡ଼ଝିଅ ଆତୁର ନୟନେ ଚାହୁଁଥାଏ
ଫେରିବାଲାର ହଳଦୀ ରଂଗୀର
ଚୂଡ଼ି, ହାର, କାନଫୁଲ ଆଡ଼େ
ଲୁହଭରା ଦରଦୀ ଓଠରେ
ଅସ୍ପଷ୍ଟ ଉଚ୍ଚାରିତ ଶବ୍ଦରେ ମା'ପୁଙ୍କୁ
ଦୁଃଖ ଜଣାଉଥିବା ମୋ ବୃଦ୍ଧାମାତା
ନିର୍ବେଦି ଦେଉଥିବେ ଜୀବର ସୂର୍ଯ୍ୟାସ୍ତ ମୁହୂର୍ତ୍ତ

ନିଜକୁ ସଂଜତର ଶାଢ଼ୀ ତଳେ ନିବଂଧନ କରି
ପ୍ରିୟତମା ମଣିଷ
ମନ୍ଦିର ଚୂଡ଼ାକୁ ଚାହିଁ ଚାହିଁ ହଜୁଥିବ
କାନିରେ ପୋଛି ପୋଛି ଦୁଃଖଯନ୍ତ୍ରଣାମାନଙ୍କର

ବରକୋଳିଆ ଟୋପା ଲୁହ

ସଂସାରକୁ ଯିବା ଆସିବା ଢ଼ଂଗରେ
କେତେ ଅଜଣା ମଣିଷ ଆଗୁସାର ହେଉଥାନ୍ତି
ଦକ୍ଷିଣୀ ସିଂହଦ୍ୱାର ଆଡ଼େ ତ
ମାଉସୀ ମା' ଘର ଆଡ଼କୁ
ଭରସାର ନେତ ନିଘା କରିକରି

ମୋତେ ସମୁଦ୍ରର ଢ଼େଉ ପରି
କଚାଡୁଥାଏ ଭାବର ଲହରୀ
କେତେବେଳେ ମଣିମା ଦେବେ ଦରଶନ
କେତେବେଳେ ଲାଗି ହେବ ଅକ୍ଷତ ଓଠରେ
ଧନ୍ୟ ପ୍ରାଣ ତୁଳସୀ ଚନ୍ଦନ
କେତେବେଳେ ରେଳ ଛାଡ଼ିବ
ମାଳତୀପୁର ଷ୍ଟେସନ
କେତେ କଷ୍ଟମାନଙ୍କୁ ପିଠେଇବାକୁ ହୁଏ
ଟିକିଟି କାଉଣ୍ଟର ପାଖରେ
ସତେକି ମୋ'ର ମାର୍ଗ
ଏଇ ରେଳ ବଗି ଟିକକ

ମୁଁ ଜାଣେନା, ମା'ପ୍ରୁ ଏଭଳି ମୋ ଯନ୍ତ୍ରଣାର
ସଂସାରକୁ ଜାଣନ୍ତି କି ନାହିଁ
ମୋ ମାଆର ଆକୁଳ ପ୍ରାର୍ଥନା
ତାଙ୍କ କର୍ଣ୍ଣହୀନ କର୍ଣ୍ଣରେ
ପହଂଚେ କି ନାହିଁ
ମୋ ସ୍ତୀର ଅନିର୍ବାଣତାର ଛନ୍ଦବନ୍ଧୋରେ
ଘାରି ଯାଉଥିବା ସମସ୍ତ ଦୁଃଖ, ଯନ୍ତ୍ରଣା

ମା' ପୁଅ ଶୁଣନ୍ତି କି ନାହିଁ

ପୁଅ ମୋର ଗଭୀର ଆଶ୍ଳେଷରେ
ସାଉନ୍ତୁ ଥାଏ ପ୍ଲାଷ୍ଟିକ ପେଁକାଳୀ
ଝିଅ ଭାବୁଥାଏ: କାନକୁ କେମନ୍ତ
କାନଫୁଲ ହେବ ଶୋଭାବନ୍ତ
ମୁଁ ବି ରେଳରେ ଦେଖୁଥାଏ
ମୋ କାଦୁଆବିଲର ଚିତ୍ର
ହଳ ବଳଦର ପ୍ରତିମା

ଲାଗୁଥାଏ: ଏତେ ଘୋର ବରଷାରେ
ଭେଦୁ ନାହିଁ ତ ମଣିମା'ଙ୍କ
ନନ୍ଦିଘୋଷ ରଥ ?
ମୁଁ ସଂସାରୀ, ମୁଁ ବୈରାଗୀ
ମୁଁ ଅଧୂରା, ମୁଁ ନିୟୋଗୀ
ଜୀବନ କେବେ କେବେ ଛଳ ଛଳ ତ
କେବେ କେବେ ଅତ୍ୟନ୍ତ ବିକଳ ।

❐❐❐

ମାଆ ପାଇଁ ଉକ୍ତି

କେମିତି ପାଇଥାନ୍ତ ମାଆକୁ
ଯେତେ ଡାକିଲେ ବି ।

କୁଳବୃଦ୍ଧ ପାଲଟିଲ
ଭାଇଙ୍କୁ ବି ଡାକିଡାକି ନୟାନ୍ତ ହେଲ
ମିଳିଲେ କେତେ
ନ ମିଳିଲେ କେତେ
ସବୁ ଦିନଲିପିରେ ଲିପିବଦ୍ଧ
ଠା' ପଗଡ଼ିର ଦର୍ପିତ ଠାଣି
ମୋଟାଲେନ୍ସ ଚଷମା
ଓ କଳାରଂଗ କାମିଜରେ
ଚିତ୍ରିତ ହେଲା
ଗୌରବର ଏକ ସଂପୂର୍ଣ୍ଣ ଇତିହାସ

ମାଆଙ୍କୁ ପା' ସତ୍ୟଭାମାପୁର
ସତୀଚଉରା ତଳେ
ପ୍ରଣିପାତ ହୋଇ
ଆଉ ଏକ ମାଆ ସଂଧାନରେ
ଗୃହତ୍ୟାଗୀ ହେଲ
ବିଦେଶ ଗଲ(କଲିକତା)
ଜାହାଜ ଚଢ଼ିଲ
କୀରସ୍ତାନ ହେଲ
ସାତ ଦରିଆ ପାରି ଲଣ୍ଡନ ବି ଗଲ
ଜାତି ଅସ୍ମିତାର ମାଟି ଖୋଜି ଖୋଜି

ନୟାନ୍ତ ହେଲ
ଇସ୍ତଫା ଦେଲ
ପ୍ରତିନିଧି ପଦରୁ
ଗାଂଧୀ ମହାତ୍ମାଙ୍କୁ ପ୍ରବର୍ତ୍ତାଇଲ
ସ୍ୱାଧୀନତାର ଘଟ-ଘାଟ ଆଉ ଅରଟ
ସବୁ ସବୁଜମାନଙ୍କୁ
ଛେଉଣ୍ଡ ସଜ୍ଜାଇ
ମାଆ, ମାଆ କହି
ଗୋରା କବରସ୍ଥାନରେ
ନିଶ୍ଚନ୍ତେ ଶୋଇଲ

ଦେଖିଲନି ତୁମମାଆ
ଅଶ୍ରୁଭିଜା ନୟନରେ
କେମିତି ଖୋଜୁଥିଲା ଦୁଆର ବଂଧରେ,
ତମେ କଫିନ ଭିତରେ
ନିଘୋଡ଼ ନିଦରେ
ଶୋଇଥିଲା ବେଳେ ।

❐❐❐

ଆଖି ନାହିଁ କାନ ଅଛି

ମୋ ହାତ ଧରି ଚାଲୁଥିବା ମଣିଷକୁ
ଅଂଧ ବୋଲି ପରିଚୟ ପାଇବା ପୂର୍ବରୁ
ମୋତେ ଦେଖାଇ ଦିଅ ହେ ଅନ୍ତିମ ସୂର୍ଯ୍ୟଙ୍କୁ

ପାହାଡ଼ ତଳେ ମୋ ପାଇଁ ଲୁଚି ଲୁଚି ଯାଉଛି
ଶୁଣିଛି, ଆଖିଥିବା ମଣିଷମାନେ
ହୁଡୁଛନ୍ତି ବାଟ,
ସହଜରେ ତ ମୁଁ ଅଂଧ ଜନ୍ମକାଳୁ ତୁମ ଅଭିଧାନର
ପ୍ରସ୍ଥାନରେ ଓ ପ୍ରବେଶରେ ।

ସବୁ ଜାଗାରେ ବାଟ

ପୃଥିବୀର ଖୋଲାମେଲା ପଡ଼ିଆ
ତାରି ମଝିରେ ଆପେ ଆପେ ଖୋଦିତ ହୁଏ ପାଦଚଲା ରାସ୍ତାଟିଏ,
ମୋତେ ତ ହାତରେ ଅଣ୍ଡାଳି ଅଣ୍ଡାଳି
ଖୋଜିବାକୁ ହୁଏ ରାସ୍ତାର ନକ୍ସା
ତଥାପି ନିନ୍ଦେ ନାହିଁ ମୋର ଅଯୋଗ୍ୟପଣକୁ
ନିନ୍ଦୁକଟିଏ ହୋଇନାହିଁ ତମ ସିରସ୍ତାରେ
କେବଳ ଅପେକ୍ଷା ପତ୍ରଝଡ଼ା ସମୟ ପର୍ଯ୍ୟନ୍ତ

ଅନ୍ଧ ବୋଲି ଶ୍ରବଣ କୁମାର
ଅଭିସମ୍ପାତରେ ତୁମ ସୂର୍ଯ୍ୟବଂଶ
କେମିତି ଚହଲି ଗଲା ଅବଧନଗରେ
ରାଜା ହେଉଁ ହେଉଁ ତପସ୍ୱୀ ସାଜିଲ
ପିତା ଦଶରଥଙ୍କ ରଥ ଚାଲିଗଲା
ତୁମ ଧର୍ମପତ୍ନୀ ହେଲେ ଅପହୃତା

ଅନୁଜ ଲକ୍ଷ୍ମଣ ହେଲେ ଶକ୍ତିଭେଦ
ଆହୁରି ଅନେକ ତୁମ ଯନ୍ତ୍ରଣାର
କ୍ଷୁଦ୍ର କ୍ଷୁଦ୍ର ଗଳ୍ପ
ତୁମେ କେଉଁ ସୁଖରେ ରହିଥିଲ
ମୋତେ ସଜାଇ ଅନ୍ଧ ଆସନରେ
ତଥାପି ମୋର ଆଶାବିଶ୍ୱାସ
ଅଛି ପ୍ରଭୁ ! ତୁମ 'ଦୀନବଂଧୁ'
ଡାକରାରେ
କେବେ ଯେ ଦୀନର ବଂଧୁଟିଏ
ହେବ
କେବଳ ପ୍ରତୀକ୍ଷା, କେବଳ ପ୍ରତୀକ୍ଷା
(ଓଡ଼ିଶାର ଜନୈକ ଦୃଷ୍ଟିହୀନପଦସ୍ଥ ପ୍ରଥମ ଅଫିସରଙ୍କୁ ସମର୍ପିତ ।)

❐❐❐

ଧୂନୀ ଦିନେ ଲିଭିବ

ଯେତେ ଯାହା ସବୁ କହିବାର ଥିଲା
କହିସାରିଲିଣି
ଯାହା ଯାହା ଦେଖିବାର ଓ ଶୁଣିବାର ଥିଲା
ସେସବୁ ଅଧ୍ୟାୟ ସରିଗଲାଣି
ଏବେ ଫେରିବାର ବେଳ ଆସୁଛି
ପାଖେଇ ପାଖେଇ

ନିଜେ ନିଜେ ବିଦାୟ ମାଗିବାର ବେଳ ଯେ'
ଯେଉଁଠି ଯେଉଁଠି କେବେ ନା କେବେ
ଲୁହ ଟୋପେ ଝରିଛି
ସେଇଠି ଚିତ୍ରିତ ମୋ ସମାଧିର ଚିତ୍ର ଓ ଫଳକ
ବିଦାୟର ଲଗ୍ନ ଗଡ଼ିଯିବା ପୂର୍ବରୁ
ମୁଁ ମାଗିନେଉଛି ଖୁବ୍ ସଂଭ୍ରମତାର ସହ
ମୋ ବର୍ଷ ବର୍ଷର ଉପସ୍ଥିତି

ଉଚ୍ଛର ହେଲେ ପବନ ବି ହାତ ଉଂଚେଇବ
ଆକାଶରୁ ଲମ୍ବି ଆସିବ ଛୁରୀଥିବା ହାତଟିଏ
ଦେଖେଇବାକୁ ପ୍ରସ୍ଥାନର ଆଂଗୁଳି
ବରଂ ଆପଣା ମହତ ପାଇଁ
ସଖିମାନଙ୍କୁ ସମୟ ବାରମ୍ବାର କହିଦିଏ
ଯିଏ ଅମାନ୍ୟ କରେ
ସେ ଭୋଗେ ଅଶୋକ ବନର
ଯୂପକାଠର ଯନ୍ତ୍ରଣା
ଖୋଦ୍ ଅବତାରୀଙ୍କ ପତ୍ନୀ ହୋଇଥିଲେ ବି,

ପେଣ୍ଟଜାମା ଉତ୍ତାରି ଦେଲେ
ସବୁ ମଣିଷ ତ ସମାନ
ଜଂଘଲୀ ଜାନୁଆରଙ୍କ ପରି
ଖୋସି ଦେଉଥିବେ ମାଲଭାଇମାନେ
ହାତଗୋଡ଼ଂକୁ ଠିକ୍ ଠିକଣା ଜାଗାରେ
ବିମର୍ଷ ମନମାନେ ଘରମୁହାଁ ହୁଅନ୍ତି
ଛାଡ଼ି ଦେଇ ଦରଜଳା ଯୂଇ
ଶୋକ ବିଧୂରା ଧର୍ମପତ୍ନୀର ହାତ
ପାଣିକାଚ ଶୂନ୍ୟ ହୁଏ
ସିନ୍ଦୂର ଶୂନ୍ୟ ପାଲଟେ ବିଧବା କପାଳ
କରଂଜକାଠ ଧୂଆଁରେ
ଛୟାଅଶୀ କେଜି ଓଜନର ଦେହ
ଉଠୁଥାଏ ଉପରକୁ ଉପର
ନଈଁ ଯାଉଥାଏ ବିଷ୍ଣୁସେଠୀ ବୋଲି ମଣିଷ
ଗୋଧୂଳିର ସୂର୍ଯ୍ୟ ପାହାଡ଼ ସେ ପଟେ ॥

❐❐❐

ରାଧେୟ

ଶାଖାଚ୍ୟୁତ ହଳଦୀ ରଂଗର ପତ୍ର ପରି ଜୀବନ
ଶାଖାଚ୍ୟୁତ ମୁହୂର୍ତ୍ତରେ ଅଣୁଅଂଶର ତାରଲ୍ୟତା
ରୋକିପାରେନା ଜୀବନର ଜନ୍ମ - ମୃତ୍ୟୁର ସାପ- ଶିଢ଼ି ଖେଳ

ବରକୋଳି ଗଛଆଡ଼କୁ ଲମ୍ବି ଯାଉଥିବା ଶୈଶବର ହାତ
ହଠାତ୍ ଦିନେ ଅଟକି ଗଲା
ହାତ ପାହାନ୍ତାର ହଳଦୀ ଗୁରୁଗୁରୁ ବରକୋଳି ଛବିର ପାଖରେ
ଡାଳ ସହ ଘୁଂଚିଗଲା ଏକ ଅପହଂଚ ବିନ୍ଦୁକୁ
ଯେମିତି କାନ୍ଦିଲେ, ଯେତେ ବି କାନ୍ଦିଲେ
ସବୁଲୁହ ଅନୁନରିତ ନ ହୁଅନ୍ତି
ଆଖିର ଦୁର୍ଭାଗ୍ୟ କୋଣ, ଅନୁକୋଣରେ

କିଛି ଲୁହ ତ ବରଫ ପାଲଟି ଯାଏ ଛାଏଁ ଛାଏଁ
ସେତିକି ତାପ ଲୋଡ଼ନ୍ତି ପାଣି ପାଲଟିବାକୁ
କେତେ ଭିଆଣରେ ସଜେଇଥିବା ଆଖି, ଓଠ, କେଶ
ସବୁ ପରିତ୍ୟାଗ କରନ୍ତି ମରଣଶଯ୍ୟାରେ
କୌଣସି ଆତ୍ମୀୟ ଘଉଡ଼ାଉଥାନ୍ତି
ଉଡୁଥିବା ମାଛି, ମଶାଙ୍କର ଅଦଉତି /
ଧୂଆଁରେ ମଗ୍ନ ହେଉଥାଏ ଜୀବନର ଧୂପକାଠି
ପରିଚିତ ମଣିଷର କ'ଣ ମନେ ରହେ ମୃତ୍ୟୁରୂପୀ ଶ୍ଲୋକ
ଆବୃତ୍ତି କରିବାକୁ କେଉଁ ପ୍ରତିମା ସାମ୍ନାରେ

ଭୋଗ ବାଢ଼ି ଦେଲେ କ୍ଷୁଧାର୍ଥ ପାକସ୍ଥଳୀ ପ୍ରଶମିତ ହେବ
ସେଇମିତି ଜୀବନ ଜଂଜାଳ ପ୍ରତି ମୁହୂର୍ତ୍ତରେ
ରାଜ ସିଂହାସନ ପ୍ରାପ୍ତି ଠୁ ମୁଠାଏ ଚାଉଳ

ଏବେ ରାସ୍ତା ସାରା ତୁମ ବିଦାୟର ଓଦା ଜହ୍ନର ତୋରଣ
ଯେମିତି ସେଦିନ ତୁମ ଯୋଗୁ
କାହାର ଜଠରୁ ଝରିଥିଲା
ଲୁହ ଲହୁର ପୁଳାଏ ମାନଚିତ୍ର ।

❐❐❐

ବିଚ୍ଛିନ୍ନତା

କେଉଁ ଦୋ' ଛକିରେ ଛାଡ଼ିଗଲ
ତୁମ ଯାଯାବରୀ ବାସ୍ନା
କେଉଁ ମାଆର ସ୍ତନରୁ ଚୋଷିଛ
କୁଆଁରୀଆ କ୍ଷୀର
ଏବେ ବି ଆଲୋମୟ ପୃଥିବୀରେ
ଦିଲ୍ଲୀରୁ ପଲ୍ଲୀଯାଏ
ଖୋଜି ହେଉଛ ଆଦିମ ମଣିଷ ପ୍ରାୟେ
ନିରୀହ ରକ୍ତର ଠିକଣା ॥

ଜାଣିଛ ତ, ମାଆ ବୋଲି ମଣିଷଟି
କାଳେ କାଳେ ପାଗିଳୀ ।
ଲୁହରେ ଭିଜୁଥାଏ କଂକାଳସାର ଛାତି
ଉଜାଗରେ ପାହିଦିଏ ରାତି
ପୁଣି ଲୁହାର ପ୍ରାଚୀର ଭାଙ୍ଗି ଚୁରମାର ହୁଏ
ତା'ଅବସୋସର ନିଃଶ୍ୱାସ ଆଘାତେ
କ'ଣ ଦର୍କାର ଥିଲା
ପାଲଟିଯିବାକୁ ଆତଙ୍କବାଦୀ ॥

ଯେଉଁ ଜରାୟୁରୁ ଜନ୍ମନେଲା
ମାଉଁସ ପିଣ୍ଡୁଳା
ମାଆ ପାଇଁ କେମିତି ସେ
ହୁଏ ନିଆଁହୁଳା
ଲୁହର ନକ୍ସା ଆଙ୍କେ
ବାରୁଦର ବାସ୍ନା

ଲହୁରେ ମାଆ ଆଙ୍କୁଥାଏ
ଲକ୍ଷ୍ମୀପାଦ ଝୋଟି ॥

ଆଜିକାଲି ଘରେ ଘରେ ତ
ଚାଲିଛି ବୋମା ବିଷ୍ଫୋରଣର ପାର୍ବଣ
ଦାନ୍ତେୱାଡ଼ା କି ନୟାଗଡ଼
କାଶ୍ମୀର କି କନ୍ଧମାଳ
ପ୍ରଶାସନ ତ ମାରୁଥାଏ /
ଗଂଗାପୁତ୍ରଙ୍କ ସାମ୍ନାରେ
କିନ୍ନରଙ୍କ ତାଳି ॥
ଏବେ ତ ଏମିତି ବିଚିତ୍ର ଦୃଶ୍ୟ
ଦେଖିଲେ ବି ବାଲୁତ ପ୍ରାୟେ
ଆମେ ସବୁ ନୀରବ ,
କିଏ ଝିଙ୍କି ଦେଉ ଆମ
ମାଆର କେଶଗୁଚ୍ଛ
ଗଣଧର୍ଷିତା ହେଇଯାଉ
ଧର୍ମପତ୍ନୀ ମୋ'ରି ସାମ୍ନାରେ
କର୍ତ୍ତନକରୁ କିଏ ମୋ
ଭାଇର ହାତ କିମ୍ବା
ଭଉଣୀର ସ୍ତନ

ତଥାପି ଉଡ଼ାଏ ମୁଁ
ଶାନ୍ତିର କପୋତ
ପିଶାଚଙ୍କ ସହ
ଜନସମୁଦ୍ରରେ ॥

❐❐❐

ଛପନ ଇଂଚର ଛାତି

ଏବେ ଘାଟି
ଆମ ମାଟି
ଯା' ପାଇଁ ଦିନେ
ଆମ ଛାତି ଯାଉଥିଲା ଫାଟି
ଏବେ ଛପନ ଇଂଚର ଛାତି ॥

କେତେ ଶହୀଦ ରକ୍ତରେ ଘାଣ୍ଟି
ସହ୍ୟ କରନ୍ତା
ବସୁନ୍ଧରା ଗଲା ଫାଟି
ସତୀ ଶିରୋମଣି ଅଗ୍ନିଚିତା ପରି
ଏବେ କାଶ୍ମୀର ଦେବନି ଆଉ ବଳିଦାନ
ଭାରତମାଆର କୋଟୀ
ଯେ ଛପନ ଇଂଚର ଛାତି ॥

ମାଆର ଡାକରା ଯେବେ ଶୁଣାଯାଏ
ସନ୍ତାନ ସଭିଏଁ ମଶାଣୀରୁ ଯିବେ ଉଠି
ଯାହା ମାଆ ଦେବ
ସଭିଏଁ ଖାଇବେ ବାଣ୍ଟି
ଯେ' ଛପନ ଇଂଚର ଛାତି ॥

ବଂଧୁକର ଧୂଆଁ ଆଉ ଉଠିବନି
ଚାରିଆଡ଼େ ଯିବ ଘୋଟି
ଘାଟ ପାଇଁ ଆମ ଘାଟି
ଘଟ ପାଇଁ ନୁହେଁ ଖାଲି ଘଣ୍ଟି

ଭାଇର ମଥାରେ ଆଉ ବାଜିବନି
ପଥର କିମ୍ବା ଲାଠି
ଯେ' ଛପନ ଇଂଚର ଛାତି ॥
କେତେ ଛଳନାରେ ଥିଲା
ପରିପୂର୍ଣ୍ଣ ତୁମ ପ୍ରୀତି
ଲୋଭାଇ ଭୁଲାଇ ସବୁ ନେଉଥିଲ ଲୁଟି
ଡାଲ୍ ହ୍ରଦ ପାଶେ ନିଃସ୍ୱ ମଣିଷ
ମାଗୁଥାଏ ପଟେ ରୁଟି
ଯେ' ଛପନ ଇଂଚର ଛାତି ॥

ଏବେ ମାଆର ପଣତେ
ଆନନ୍ଦରେ ଯିବେ ଲୋଟି
ଥରଥର ହାତେ ଶିରାଳ ଆଙ୍ଗୁଳି
କପାଳରେ ଆମ ଯେତେ ଲୁହ ଅଛି
ସବୁଦିନ ସିଏ ଦେବ ପୋଛି
ଯେ' ଛପନ ଇଂଚର ଛାତି ॥

ମାଆଟି ତ ଆମରି ମାଟି
କେତେ କଷଣ ସହ୍ୟ କରିଛି
ତା' ରକ୍ତଭିଜା ଉପତ୍ୟକାର ପିଠି
କ୍ଷମତାର ପଶାକାଠି
ବିବସ୍ତ୍ରା ହୁଏ କୁରୁସଭା ତଳେ
ମହାକାଳର ସତୀ
ଯେ' ଛପନ ଇଂଚର ଛାତି ॥

❐❐❐

ଘାସଫୁଲ

ନିର୍ମମ ନିର୍ଜନ

ଶୂନଶାନ ଜନପଥ ଧାରେଧାରେ
କାନ୍ଦୁଥାଏ ଘାସଫୁଲ
ଯେତେଯେତେ ବଢୁଥାଏ ରାତି
ଘାସଫୁଲ ମନ ଓ ଦେହରେ
ବଢୁଥାଏ ତାତି
ଚାହୁଁଥାଏ ତା' ଉପରେ
ଅଚେତ୍ ହୋଇ ଶୋଇଥିବା
ଗଣଦୁଷ୍କର୍ମ ଦୈତ୍ୟର ଉତ୍ପୀଡ଼ନରେ
ଶିକାର ତରୁଣୀ ଆଡ଼କୁ
ପବନରେ ଝରୁଥାଏ ରକ୍ତ
ଜନନେନ୍ଦ୍ରିୟରେ ଜଂଦା ପିମ୍ପୁଡ଼ିଙ୍କ ମେଳି
କିଏ ସେ ଢ଼ାଙ୍କିବ
ଉନ୍ମୁକ୍ତ ଛାତିର ଫୁଙ୍ଗୁଳା କୋଣାର୍କ ॥

ଜାତି ତ ଜାତି ଅଛୁବ ଜାତି
ସବା ତଳ ପାହାଚର ମଣିଷ
ଆଖିପାଏ ନାହିଁ ବି
ଦେଖିବାକୁ ବାଲକୋନିର ସୂର୍ଯ୍ୟ
ଯେତେବେଳେ ଇଚ୍ଛା
ଦଳିମକଚି ଦିଅ ଫୁଟିଥିବା ଫୁଲକୁ
ଘାସଫୁଲ ପରି ରାସ୍ତାକଡ଼ରେ
ଡାକବଂଗଳା କିମ୍ବା ଶସ୍ତା ହୋଟେଲ ମଧ୍ୟରେ ॥

ଦେଖିଛୁ ଶଃ ଘାସଫୁଲର ଦମ୍ କେତେ !
କେଉଁ ଥାନାକୁ ଯିବୁ ?
ମାଜିଷ୍ଟ୍ରେଟ ହାକିମ ଆଗେ
କି ପ୍ରକାର ବୟାନ ଦେବୁ ତୁ
ଘାସଫୁଲ ?
ଭୁଲିକି ଗଲୁ ଅତ୍ୟାଚାରିତ
ବଂଶର ସନ୍ତକ ତୋ ନିଃଶ୍ୱାସରେ ବି ମିଶିଛି
ତୋ ଆଇଁଷିଆ ରକ୍ତରେ ବହୁଛି
ନେହୁରା ହେଲେ ଥାନାବାବୁ ବି
ଅଟକାଇ ଦେବେ ରାତିଟିଏ
ଭରିଦେବେ ଜୀବାଣୁଯୁକ୍ତ ପୃଥିବୀଟିଏ
ତୋ ସମଗ୍ର ସତ୍ତାରେ
ସେତେବେଳେ ତୁ
ମାଗୁଥିବୁ ଟୋପାଏ ଜଳ
ନଚେତ୍ କିଛି ଅମ୍ଳଜାନ
ନଜର ନ ଥିବ
ତୋ ପିଂଧା ବସନର
ସଂପୂର୍ଣ୍ଣ ଠିକଣା
ସାମାଜିକ ନ୍ୟାୟର କାଣ୍ଡାରୀମାନେ
ଥାନା ଘେରଉ କରିଦେଲେ
ବଦଳି ଯାଏକି
ଘାସଫୁଲର ଯୁଗପତ୍ ଯନ୍ତ୍ରଣା ॥

❐❐❐

କାଶ୍ମୀର

କେମିତି ସହୁଛୁ ଦାନମାଈ ପରି କୁଯନ୍ତ୍ରଣା
ସହୁଛୁ ମାଆ କାଶ୍ମୀର !
ରାଜା ରଣଜିତ୍ ସିଂହଙ୍କ କପାଳରେ
ଭୋକିଲା ମାଆଟିର
ଟେକାଟିଏ
ବାଜିଲା ପରି
କେତେକାଳ ଆଉ ବର୍ଷୁଥିବ
ପଥରର ବର୍ଷା
ତୋ ପଣତ ଧରିଥିବା ସୈନିକ ସନ୍ତାନଙ୍କ
ପିଠିରେ, ପାଟିରେ
କରରେ, କପାଳରେ
ହତଭାଗ୍ୟମାନଙ୍କ ଛାତିରୁ ରକ୍ତ ଶୋଷୁଥିବ
ଆଜାଦ୍ ନାଁରେ ମୁର୍ଦ୍ଦାବାଦ ତୋ' କଲିଜାରୁ ॥

ଘୁଂଚି ଘୁଂଚି ଗଭୀର ଗଣ୍ଡକୁ
ସୂର୍ଯ୍ୟ ବି ଉଇଁ ପାରୁ ନ ଥିବ
ଅନନ୍ତନାଗ କିମ୍ବା ଉରୀରେ
ଟର୍ପେଡ଼ର ଲଂଗଳା ଆଖିରେ ନାଚୁଥିବ
ବିଚାରୀ ବିବସ୍ତ୍ରା ଶ୍ରାବଣ
ଆକ୍ରାମାକ୍ରା ହେଉଥିବ ପ୍ରବାହିତ ପବନ
ଅକ୍ସିଜେନ୍ ଅଭାବେ
ଆଖି ଲୁହ ପୋଛି ପୋଛି
ଫେରୁଥିବ ବସନ୍ତ ବାରମ୍ଭଳା ଘାଟିରୁ ।

କି ଭଳିଆ ଘର ଖଣ୍ଡେ
ତୋଳିଲ ବନ୍ଦନୀୟା କାଶ୍ମୀର
ନଗଡ଼ା ପରି ଟଳି ପଡୁଛି
ଶିଶୁଟିଏ
ମାଆର ଛାତିରୁ ମାଆର କୋଳରୁ
ପୁଣି ମଶାଣି ଭୂଇଁକୁ
ଯେଉଁଠି ରାତି ପାହେ ରକ୍ତରେ
ଦିନ ବିତୁଥାଏ ମଳେଇର
ତଳେ ତଳେ
ସୈତାନମାନେ ବ୍ୟସ୍ତ ଥିବେ
ବେଦ ପଢ଼ିବାରେ
ମାଆର ଲୁହଭିଜା
ଦୁଃଖକୁ କିଏ କେବେ ମାପିଛି ନା
ମାପିବ ?

❐❐❐

ମାୟାବୀ ମାଆପୁ

କେତେ ବିଶ୍ୱାସରେ ବସାଇଥିଲୁ ବଶିଷ୍ଠ ପଣରେ
ଦରିଦ୍ର ଓଡ଼ିଆର ହୃଦୟର ନୀଳକନ୍ଦରରେ
କେତେ ବିଶ୍ୱାସରେ ସନ୍ଥ, ପନ୍ଥମାନେ
ଆପଣେଇ ନେଇଥିଲେ
ଆପଣାର ଦିଅଁ ବୋଲି

ସବୁ ପରିଚୟକୁ କେଉଁ
ମାୟାବୀ ଦୈତ୍ୟ ଚୋରାଇ ନେଲା ଯେ
ଏବେ କହିବାକୁ ନାହିଁ
ମୁଣ୍ଡ କି ତୁଣ୍ଡରେ ଭାଷା !

ଆକାଶରେ ଏବେ ଖାଲି ଅପହୃତା
ସତୀଙ୍କର ସ୍ୱର
ଜଟାୟୁମାନଙ୍କର ଅର୍ଦ୍ଧଦଗ୍ଧଶ୍ୱାସ
ଥମିଗଲା ପରି ଲାଗୁଛି
ମହୋଦଧିର ମହଃ ମହଃ ଝଙ୍କାର
ଝରଝର ଝାଉଁବଣରେ
ଏକାକୀ କପୋତୀର ନୀରବ କ୍ରନ୍ଦନ
ଓଦା ଓଦା ବାଲିର ଦେହରେ
ଠାଏ ଠାଏ ଗତାୟୁ ପାଦମାନଙ୍କର ଚିହ୍ନ
ଭଂଗା କୋଡୁଆ ପରି
ବିଶ୍ୱାସ ହିଁ ଅଣନିଃଶ୍ୱାସୀ
କୋଇଲି ବୈକୁଣ୍ଠପୁରର ମାଟି ତଳେ ତଳେ
ସବୁକୋଳାହଳ ଭିତରେ ଭିତରେ
ନୀରବି ଯାଉଛି ଅରୁଣସ୍ତମ୍ଭର ରୂପ
ରାସ୍ତା ଭାଂଗି ଚାଲି ଯାଉଛନ୍ତି

ଦିବ୍ୟାଂଗ ବେଲା ତାଟିଆ ଆବୋରିଥିବା
ଦଳେ ନିଆଶ୍ରୀ ମଣିଷ
ଧୋତିପିଂଧା ଧୂଳିଗୁମାସ୍ତାମାନଙ୍କ ମୁହଁରେ
ଗୋଧୂଳି ଲଗ୍ନର ସୂର୍ଯ୍ୟ

କାହାକୁ ଦେଖାଇ ଏବେ କହିହେବ
ବଂଗୀୟ, ଦକ୍ଷିଣୀଯାତ୍ରୀଙ୍କୁ
ଗୋସ୍ୱାମୀ ତୁଳସୀଦାସଙ୍କ ଠୁଁ
ନିମାଇଁ ଚୈତନ୍ୟ ଓ କାଂଚିବିଜୟର ଗଳ୍ପ
ଗାଇଡ୍ ଓ ପଣ୍ଡା, ପଢ଼ିହାରୀଙ୍କ ମୁହଁରେ
କେଉଁ ମାରୱାଡ଼ି, ଗୁଜରାଟୀଙ୍କୁ
ଦେଖାଇ ହେବ ତାଙ୍କ ପୂର୍ବପୁରୁଷଙ୍କ ନାମ
ଶ୍ରୀମନ୍ଦିର ନଥିପତ୍ର ପୃଷ୍ଠାରେ ପୃଷ୍ଠାରେ
ସତରେ ଶୁଦ୍ଧିକ୍ରିୟାରେ କ'ଣ
ପାତାଳି ହୋଇଲ ପ୍ରଭୁ

ଜଗତର ନାଥ ?

❐❐❐

ଉଡ଼ାଣ ଡେଣା

ଦେ' ଡଂଗାଟିଏ ଭସାଇଦେଏ

ଓଳି ତଳ ନଈରେ

ପୁନେଇ ତିଥି ଥାଉ ନ ଥାଉ

ମାଛ ମାରିବା ଆଗରୁ

କମ୍‌ସେ କମ୍ ମାଛିଟିଏ ମାର୍

ଜଙ୍ଗଲ ଯିବା ଆଗରୁ

ସ୍କୁଲ ପାଖ ବଣବୁଦାରେ ଖୋଜ

ତୋ ପରିଚୟ ପତ୍ର

ହଜେଇବା ଆଗରୁ ଖୋଜିଲେ କି

ମିଳେ ପ୍ରିୟତମ ବସ୍ତୁ

ହଜେଇ ହଜେଇ ପାଇଲେ

ଲାଗେ, କ'ଣ ଗୋଟେ ପାଇଲି

ମନର ମନ୍ଥନ ମଧ୍ୟରୁ

ଚିରକାଳ ପିଂଧିବାର କାଇଦା କୌଶଳ

କୋକେଇ ଉଠିବା ଆଗରୁ

ଝିଙ୍କି ନିଅନ୍ତି ନାକର ନୁଲୁକ ପ୍ରିୟଜନମାନେ

ମଲାଲୋକ କି ଜାଣେ

ଗାଡ଼ି ଗଲା କି ଶଗଡ଼ ଗଲା

ଏଗାର ଦିନ ଗଲେ ସବୁ ଗାର ଲିଭେ

ଟେଣ୍ଟ ମରା ବାଉଁଶର ଗାତ ପୋତିପଡ଼େ

ସୂର୍ଯ୍ୟ ଉଁଥାଏ ସବୁଦିନ ନାଆକ ଘର ମଥାନ ତଳରୁ
ତାରାମାନେ ଆକାଶରେ ସାଜନ୍ତି
ଟୋପାଟୋପା ସିନ୍ଦୂରର ବିନ୍ଦୁ
ପବନ ତ ଦଳେଇସାଇ ପିଲାଙ୍କ ପରି
ଦୌଡ଼ାଦୌଡ଼ି କରେ
ଏ ଗଛରୁ ସେ ଗଛ
ତୋ ସ୍ମୃତି ଦିଶୁଥିବ
ତୋ ଚିବୁକ ସଂଲଗ୍ନ ଅର୍ଖିତ କଳାଜାଇଟିଏ ॥

❐❐❐

ଯାତ୍ରା

ରଂଗ ମାଖି ଦେଇ ଛିଡ଼ା ହୋଇଗଲେ
ଦର୍ଶକରୂପୀ ଦର୍ପଣ ସାମ୍ନାରେ
ସର୍ବତ୍ର ଆଲୋମୟତାରେ ଅଂଧାର
ପାପୀ ଇନ୍ଦ୍ରିୟଟିଏ ଘୋଷାଡ଼ି ନିଏ
ମଂଚରୁ ପୁନଶ୍ଚ କେଉଁ ବ୍ୟକ୍ତିଗତ ଅଂଚଳକୁ

ରାତି ପାହିଲେ ସବୁ ଅଭିନୟ ଶେଷ ହୁଏ
ପଡ଼ିଆରେ ପଡ଼ିଥିବା କାଗଜ ଠୁଂଗାମାନେ
ଭିଜୁଥାନ୍ତି ଦଳିତ ମୁଦ୍ରାରେ କାକର ସ୍ୱର୍ଶରେ
ଫିଟି ଯାଉଥାଏ ଅଂଧାରର ନକ୍ସା ।

କାହାକୁ ବା ଜଣା ଯାତ୍ରାବାଲାର
ପୋଷାକ ତଳେ ଲୁଚିଥାଏ
ପେଟ ପାଇଁ ନାଟ ସଂରଚନା
ସମ୍ରାଟ ବୋଲି ମଣିଷଟି ବିତ୍ତୁ ଟାଣୁଥାଏ
ଫଟା କପାଳର ଗ୍ରୀନରୁମ୍ ମଧ୍ୟରେ
ପ୍ରତୀକ୍ଷା କରୁଥାଏ ସହଯୋଗୀ କଳାକାରର
ଅନ୍ତିମ ସଂଳାପ
ବାଦ୍ୟକାରୀଙ୍କ ଅଙ୍କ ସମାପ୍ତିର
ଦୁର୍ଦ୍ଦଷ ଘୋଷଣା ॥

ଯାତ୍ରା : ଏକ ନିୟମିତ ନିୟତିର
କ୍ରୁର ନିର୍ଦ୍ଦେଶନା
ରଂଗ ମାଖି ପୋଷାକ ଗଳେଇ ଦେଲେ
ସବୁ ପୃଥଳମାନେ କ୍ଷୀଣ ପାଲଟନ୍ତି
ସବୁ କ୍ଷୀଣ ଶରୀରାମାନେ ପୃଥକ ହୁଅନ୍ତି
ଅଭିନୟ ଶେଷ କରି ଯାତ୍ରା ଦଳ ଚାଲେ
ଆଉ କେଉଁଠି ପୋତିବାକୁ
କପଡ଼ା, ବାଉଁଶର ମଂଚ ॥

❐❐❐

ଏମିତି ବିସ୍ମୁବ

ବିଦାୟୀ ବସନ୍ତର ଯାତ୍ରା ସରିନି
ପ୍ରଚଣ୍ଡ ରୌଦ୍ରତାପରେ ଆତଙ୍କିତ ପୃଥିବୀ ହୋଇନି
ବେଂଗମାନେ ଗାଇଲେଣି ଅସମାପ୍ତ ମାଂଗଳିକ
ଅବୁଝା ପଡୁଛି
କେଉଁ ଋତୁରେ ମସ୍‌ଗୁଲ୍
ଯେ' ମାଟିର ମଣିଷ ?

କାଳବୈଶାଖୀ ପ୍ରବେଶୁଛି
କେଉଁ ଅଚିହ୍ନା ତରୁଣୀ ପରି
ଆକାଶର ଛାତିରେ
ରଜସ୍ୱଳା ମାଟିର ନକ୍ସା ବଦଳିଯାଏ
ଜାଣିଛ, ଦୁଃଖ ଯନ୍ତ୍ରଣାର ଅଂଶୁଘାତ
ମାଡ଼ି ଆସୁଛି ଆଗକୁ
ଚାଇନାର ପଦଧ୍ୱନୀ ଡ଼ୋକ୍‌ଲାମରେ
ନିରସ୍ତ୍ର ବସନ୍ତର କଣ୍ଠରେ
ଶୁଭୁଛି ଭୀମଭୋଇ ଭଜନ

ସୁରଟ୍ ସହରୁ ଅତାର୍ଛିଆ ଫେରିଲା ପରି
ପାଟଣାସାହିର ହରି ମାହୁନ୍ତ ପୁଅ
ଏରୁଣ୍ଡି ବଂଧରେ ପରିଚୟ ଦେଲା
ତା' ଅଛୁଆ ଏଡ୍‌ସରୋଗର
ମାୟାବିନୀ କାହାଣୀ
କୁଳଦୀପମାନେ କୁଳାଂଗାର ବୋଲି

ଲୁହଭରା କଣ୍ଠରେ ଅଭିଯୋଗର ପତ୍ର ବାଢ଼େ
କେଉଁ ଅଭାଗିନୀ ଅଦତ୍ତା
ତଥାପି ପୋଲିସ୍ ଉଠେନି
କୁମ୍ଭକର୍ଣ୍ଣ ନିଦରୁ
କଠୁଆ ହେଉକି ଉନ୍ନାଓ
ସବୁଠି ବସନ୍ତର ବିଭତ୍ସ ଆର୍ତ୍ତନାଦ

ବିଷ୍ଣୁବର ବିଷଣ୍ଣତା ଘାରିଯାଏ
ମହାନଦୀ ତାତି ଠୁ କୁନ୍ଦୁଲି ପର୍ଯ୍ୟନ୍ତ
ନ୍ୟାୟ ଅପେକ୍ଷାରେ ଶ୍ରବଣକୁମାରମାନେ
ଚିରକାଳ, ଚିରକାଳ ॥

❐❐❐

ଯୁଦ୍ଧାନ୍ତର

ଯୁଦ୍ଧ ସରିଲା । ଏବେ ମଂଚ ଖାଲିକର
ସମ୍ରାଟ ଆସିବେ
ବୀରବାଦ୍ୟ ବଜାଅ
ରଙ୍କସାହୁ ପୁଅ ନରଣପୁର ଯାତ୍ରାଦଳର
ଏବେ ମଗଧ ସମ୍ରାଟ ।

ପଣ୍ଡାମାଷ୍ଟ୍ରେ ଶେଷଥର ପାଇଁ
ସରବା ସାହୁଙ୍କୁ ଗୁରୁମନ୍ତ୍ର ଦେଲେ
:ସଂଳାପ ଭୁଲିବୁନି
ଯେତକ ପ୍ରଶ୍ନ ସେତିକି ଉତ୍ତର
ଯାଃ ବାବା, ଆଜି ରାତିକ
ନାଚ କରିଦେ !

ଅପରାଧୀ ପରି ଖୁଣ୍ଟ ମୁଦ୍ରାରେ
ରଙ୍କ ସାହୁ ପୁଅ
ପେଣ୍ଟିଂ ବେଳେ ଯେତେଥିଲା ଉଚ୍ଛୁଳାଥିଲା ନଈ
ଏବେ ଶୁଖିଲା ଖଟ୍ ଖଟ୍
ଷ୍ଟେଜକୁ ଚାହୁଁଛି, କେତେବେଳେ
ଘୋଷକ ଘୋଷଣା କରିବେ
ଦୀର୍ଘ ପନ୍ଦର ବର୍ଷ ପରେ ....
ପୋଇଲିର ପୁଅ ବିଜେ କରିବ
ଧରି ସାଂଗରେ ସୈନ୍ୟ ସାମନ୍ତ ॥

ଆଚ୍ଛା ମାଷ୍ଟ୍ରେ ! ଆଉ କ'ଣ ମିଳେ
ତୁଚ୍ଛା ସେଇ ହଜିଲା ଗପରେ

କିଏ ଦେଖିଥିଲା, ଶୁଣିଥିଲା ଯେ
ଯୋଦ୍ଧାବାଇକୁ ଆକବର ବିଛଣାରେ ଯେ ...

ଅଣ୍ଡିରା ପିଲାଟା କଣ୍ଠ ବଦଳାଇ
ପୁଣି ଅଣ୍ଡିରାଟାକୁ ପ୍ରେମ ଯେ କରିବ ।
ନାଟକ ନାଁ ପୁଣି 'ହଳଦୀଘାଟରେ ସଂଧ୍ୟା' ।

ପୋଡ଼ା ବିଡ଼ିଟିକୁ ପାଦରେ ମକଚି
ମାଷ୍ଟ୍ରେ ଶୁଣିକି ନୀରବ
ନିଘା ରହିଛି ରଙ୍କ ସାହୁ ପୁଅ ସରବା ଉପରେ
ଏବେ ବେଳ କାହିଁ ହୋ
ଗେହ୍ଲଗପ କରିବାକୁ ଅଂଧାର ରାତିରେ
ବାଜିଲାଣି ତେଣେ ବୀରବାଦ୍ୟ
ସରିଲାଣି ପେଟ୍ରୋମାକ୍ସ ଲାଇଟ୍‌ରୁ ତେଲ
ଡାକ ... ଡାକ ହେ ଶଙ୍କରା ଜେନାକୁ
ଭଲିକି ପିନ୍‌କୁ ସଫା କରିବ

ଆଉ ଥୋଡ଼େ ପମ୍ପ ମାରିବ
ପଣ୍ଡା ମାଷ୍ଟ୍ରେଙ୍କ ଓଠରେ ଆଉ ଗୋଟେ
ବିଡ଼ିର ଜଳନ୍ତା ଝୁଲ

ପହଣ୍ଡି ପକାଇ ଚାଲିଛି ସରବା
ମଂଚ ସନ୍ନିକଟ
ଥରି ଉଠୁଛି ମେଦିନୀ ବାଜାର ରୋଳରେ
ଝୁମୁକା ବଜାଇ ଚାଲିଛି ଅବିରତେ
ସବୁଠୁ ବୃଦ୍ଧ ବାଦ୍ୟକାର

ସରବା ଏବେ ମଗଧ ସମ୍ରାଟ
ପଣ୍ଡା ମାଷ୍ଟ୍ରଙ୍କ ଦାନ୍ତ ରଟମଟ
ହଠାତ୍ ହେଁସରୁ ଉଠିଲା

ମାଳତୀ ନାନୀ, ସରବାର ମାଆ
ମଂଚକୁ ପାଦ ବଢ଼େଇଲା
ସରବାକୁ କୁଣ୍ଢେଇ ଧରିଲା
ହାଏ ! ମୋ ସରବା ରାଜା ହେଇଗଲା
କାଲିଠୁ ବନ୍ଦ ତା'ର ମୂଲିଆପଣ
ପଣ୍ଡାଘର ଧାନଖଳା, ପତିଘର ଗୁହାଳ
ଦାଶଘର ଗାଈପାଳି, ପାଡ଼ୀଘର ଖରାଟିଆ ହଳ

ପଣ୍ଡା ମାଷ୍ଟ୍ରେ ଭୂଇଁରେ ନଥ୍ କରି ବସିଲେ ॥

❐❐❐

ଚତୁର୍ଦ୍ଧା ମୂରତି

ଏ ଯାଏଁ କିଏ ଦେଖିଛି ନାରାୟଣଙ୍କୁ
ଚର୍ମ ଚକ୍ଷୁରେ

ହଁ, ମ ନାରାୟଣଙ୍କୁ ଖାଲି ଅନୁଭବିଛନ୍ତି
ନା ଜଗନ୍ନାଥ ନା ଅଚ୍ୟୁତ, ଅନନ୍ତ

ନାରାୟଣ ଗୋଟେ ବିଶ୍ୱାସର ଜହ୍ନରାତି
ଯେତେ ଛାଡ଼ ଛାଡ଼ ହେଲେ ବି
ନାରାୟଣ ପାଖଉ ଥାଆନ୍ତି
ମହୁଲି ନିଶାରେ ଲେଖା ହୋଇଥିବା
କବିତାର ପୃଷ୍ଠାପୃଷ୍ଠା ଶବ୍ଦରେ
ପ୍ରେମପତ୍ରମାନେ ଚିରକାଳ ପଞ୍ଚମବେଦ
ସବୁ ପ୍ରେମ ପିପାସୁଙ୍କର

ନାରାୟଣ ତ ଖୋଦ୍ ପ୍ରେମର ଇନ୍ଦ୍ରଧନୁ
ଅଳ୍ପ ହେଲେ ବି ଭରପୁର ସବୁରଂଗ
କୁହ ତ ! ସାହିତ୍ୟ ପାଇଁ କିଏ ମାରିପାରେ
ନିଜ ପେଟକୁ ଲାତ
କିଏ ବୋମା ପକାଇ ପାରେ ନିଜମୁଣ୍ଡ
ଉପରେ
କିଏ ସଜାଇ ପାରେ 'ସରସ୍ୱତୀ'ମାନଙ୍କୁ
ଚାଉଳ ବସ୍ତାରେ ଆଳୁ କିଣି ରଖିଥିବା
ଧର୍ମପତ୍ନୀର ଆଖିର ଲୁହରେ / ଝୁଲାରେ
ତଥାପି ନାରଣ ଭାଇ ଆମର ଖୁସ୍

ମୁଖସ୍ତ କରିବାକୁ ଦୁଃଖ ଯନ୍ତ୍ରଣାର ଚଉପଦୀ
ମାରିବାକୁ କଟାକ୍ଷର ଆଗ୍ନେୟାସ୍ତ୍ର
ସେଣିକି କିଏ ପୋତୁ
କିଏ ଚିତୁ

ନାରାୟଣ ଆସ୍ପର୍ଦ୍ଧା ପାଖରେ ବଂଧା ପଡ଼ିଯିବ
ମୋଗଲ ବାଦଶାହାର ଚେହେରା
ଗଜପତିଙ୍କର ସମଗ୍ର ଚଉଦ୍ଦୁଳ
ମୁଖିଆଙ୍କ ଚଉହଦୀ

ନାରାୟଣ ଆଜିକାଲି ମିଥ୍ ମଧ୍ୟରୁ ରୂପାନ୍ତରିତ
ଶାମୁକାର ଉଜ୍ଜ୍ୱଳ ପ୍ରବାଳ ।

❐❐❐

ଶୂନ୍ୟ ଆକାର

ହୃଦୟ କାଗଜେ
ଲେଖିଦେଇଥିଲି
କେଉଁଦିନ ତୁମ ନାଆଁ
ବରଷ ବରଷ ବିତି ତ ଗଲାଣି
ଲିଭୁନି ସେ ଅକ୍ଷର ଦୁଇଟି କିଆଁ ?

ଯେତେ ମୁଁ ଚାହିଁଛି
ଲିଭାଇ ଦେବାକୁ
ଲୁହରେ ଭିଜାଇ ଭିଜାଇ ତାକୁ
ଯେତେ ସେ ଭିଜିଛି
ସେତେ ସେ ଜଳିଛି
ଦୋଷ ଦେବି ଏବେ କାହାକୁ ?

ରାତି ଅଂଧକାରେ
ଖୋଜିଛି କେତେ ମୁଁ
ଜଳାଇ ଆଖିର ଲୁହ
ନିଃଶ୍ୱାସରେ ରାସ୍ତା
ନିର୍ମାଣ ହୁଅଇ
କାହା ଦୋଷ ଦେବି କୁହ ।

ସରି ସରିଯାଏ ଜୀବନ ଦୀପରୁ
ସଂଚିତ ମୋ ଆଖି ଲୁହ
ଅସ୍ତାଚଳେ ଆଜି ଉଠୁଛି କାହାର

ଶତାବ୍ଦୀର ସାରା କୋହ
ମଂଚ ପରଦାର ପତନ ଘଟିବ
ସରିଗଲେ ଅଭିନୟ
ବାହୁଡ଼ି ଯିବି ମୁଁ ସଖାର ପାଶକୁ
ଶେଷେ ହୋଇ ବରାଭୟ ।

କେତେ ମୁଁ ପାଇଲି
କେତେ ହରାଇଲି
କେଉଁଠି ପାରିନି ଲେଖି
ଜୀବନଯାକ ମୁଁ
ଦରଦୀ ବୀଣାଟେ
କାହାକୁ ରଖିନି ସାକ୍ଷୀ ।

ଜାଣିଛି ଏତିକି
ମୁଁ କିଛି ନୁହେଁ
ହିସାବ ରଖିବି କିଆଁ
ଯିଏ କହିଥିଲା ମୁଁ ଆସିଥିଲି
ଲିଭାଇ ଦେଇଛି
ଜଳୁଥିବା ମୋର ନିଆଁ ।
ସମ୍ରାଟ ଆସନେ
ଯିଏ ବସିଥାଏ
ସିଏ ବସେ କି କାଳକାଳ
ଅଯଥା ଜୀବନେ ଦୁଃଖସୁଖ ଆସେ
ଅଯଥାରେ ଯେ ଜଂଜାଳ ।

ହାରିଗଲି ବଂଧୁ
ଜୀବନଯାତ୍ରାରେ
କେତେ ଥିଲି ଅଭିମାନୀ
ଜାଣିଥାନ୍ତି ଯଦି
ବାଜି ମୁଁ ହାରିବି
ଢ଼ାଙ୍କି ନ ଥାନ୍ତି ଘୋଡ଼ଣି ।

ସ୍ୱପ୍ନ ମୁଁ ଦେଖୁଛି
ଆଉ କାହାରି ଆଖିରେ
ସବୁ ଲାଗେ ମିଛ ମିଛ
ତଥାପି କାହିଁକି
କହିପାରିଲିନି
ତୁମେ ଆଗେ ଆଗେ
ଜୀବନ ମୋହର ପଛ ॥

❐❐❐

ଧାନସାଉଁଟା ବେଳ

ଛିଂଚେ ଧାନ ଛିଂଛାରେ ମାଣ ପୂରେନା ।
ଫଟା ପ୍ରଂକର ଆକୁଳାୟିତ ଅପର୍ତ୍ତିଆଣୀ
ସାଉଣ୍ଟୁଥାଏ କାଦୁଆବିଲରେ ମାଣେ ଉଖୁଡ଼ାର ଗରଜ

ସାଇତି ରଖେ ଭାଡ଼ି ପାଖ ଟୋକେଇ ଭିତରେ
ଦେଖୁଥାଏ କେବେ ପୂରିବ ଇପ୍‌ସିତ ମାଣ ଟିକକ ॥

ଧାନ ଛିଂଚି ହୋଇ ପଡ଼ିଥାଏ
ମୋରମ ରାସ୍ତାରେ, ଗାଁ କଂକ୍ରିଟ୍ ଦାଣ୍ଡରେ
ଝିଅଟି ଭାବୁଥାଏ: କେମିତି ଧାନମାନେ
ଛିଂଚାଟିରେ ଗୁଂଥି ହୋଇ
ତଳକୁ ଖସନ୍ତି
ପୁଣି ଗୋଟେ ଧାନବୀଜରେ
ଅଗଣିତ ଛିଂଚା ବି ଜନ୍ମାନ୍ତି ॥

ଶେଷରେ ସେଇ ଅପାଠୋଇ ଝିଅକୁ
ମନା ହେଲା ଏକ୍‌ଲା ବିଲଆଡ଼େ ଯିବାକୁ
ତାଗିତ୍ ହେଲା : ଭାତ ଫୁଟାଇବାକୁ
ଦେହର ଲାବଣ୍ୟ ଫୁଟିଲା ପରି ॥

ବେଳେ ଭାତ : କେତେ ମୁଠା ଚାଉଳ
କେତେ ମୁଠା ଚାଉଳ : କେତେ ଗଉଣୀର ଧାନ
ଝିଅଟି ଭାବୁଥାଏ ଉଖୁଡ଼ାମାଣର ସୃତିକୁ ବାହୁନି ବାହୁନି

ଖରାବେଳକୁ କିଏ ଛଡ଼ାଇ ନେଲା ଆମ୍ବଗଛ ମୂଳରୁ
କିଏ ଦେହରେ ସବାର ହେଲା ଯେ
ସଭିଏଁ ଡହଡହ ଆଖିରେ
ନ ଦେଖିଲା ଓଉ ଛଫଡ଼ା ପରି ଚାହିଁଲେ
ଝିଅଟି ଓଢ଼ଣୀକୁ ଢ଼ାଙ୍କି ଦିଏ ଛାତିରେ ଛାତିରେ
ମାଟିରେ ପୋତି ପଡ଼େ ଯେମିତି ସମଗ୍ର ଶରୀର ॥

ବାଟ ଭାଂଗି ଯାଉଥାଏ
ତା ପଛେ ପଛେ ଆଉ ଏକ ରାସ୍ତା
ତା ଉପରେ ଉପରେ ହଳଦୀବସନ୍ତ
ତା' ଚଉପାଢ଼ୀରେ ଲାବଣ୍ୟର କାରୁଣ୍ୟ ॥

❐❐❐

ପରାଜୟ

ହାରିଛି ବୋଲି ମୁଁ ହୋଇନି ହୃଦୟ ହରା ।
ଉଦାସ ଜହ୍ନରେ ଭିଜିପାରେ ମୋ
ଆଖି, କାନ, ନାକ ଓ ନିଃଶ୍ୱାସ
କଲିଜାରେ ବାଜିପାରେ ନିଃସ୍ୱପଣର ଠୁକୁ ଠୁକୁ ଶବ୍ଦ
ପକ୍ଷାଘାତ ହୋଇପାରେ ମୋର ହାତ, ଗୋଡ଼
ଲୁହରେ ଭିଜୁଥିବ କିନ୍ତୁ ମୋର
ଶ୍ରାବଣର କବିତା ॥

ନିଷ୍କାମ ବିଧାତାଙ୍କର ଦାଣ୍ଡ ପିଣ୍ଡାରେ ଯୁଗ ଯୁଗର କଥା ଆଉ ବ୍ୟଥା ।
ଘଟରୁ ଆତ୍ମା ଘାଟ ଖୋଜେ
ଗୋପ - ଗୋପାଂଗନା ଛାଡ଼ନ୍ତି ଶ୍ରୀକୃଷ୍ଣ /
ଭିଟାମାଟି ଛାଡ଼ନ୍ତି ସୁରଟ ମୁହାଁ ଦଳ ଦଳ ମଣିଷ
ଓ କାଶ୍ମୀରଘାଟିର ବୁନିୟାଦୀ
ପଣ୍ଡିତ ସ୍ତ୍ରୀ ଧର୍ଷିତା ହୁଏ
ସ୍ୱାମୀର ସାମ୍ନାରେ
ଉହ୍ଲେଇ ପଡ଼େ ବୈଦେହୀୟ ଯନ୍ତ୍ରଣା
ଛାଡ଼ିଗଲେଣି କୁରୁକ୍ଷେତ୍ରର ସାମନ୍ତ - ସେନାନୀ
ଛାଡ଼ିଗଲେ କିନ୍ତୁ ଇମାରତ୍ ପରି ମୋର ସ୍ୱପ୍ନମାନେ
ହଜିଗଲେ ସରସ୍ୱତୀ ନଦୀର କାଳ କଟାଳରେ
ଇତିହାସର ପୃଷ୍ଠାରେ ମୁଦି ହୋଇଯାଏ
ସବୁ ମହେଂଜୋଦାରୋ ଭୂଗୋଳ ॥

ଉଡୁଥିବା ପକ୍ଷୀଟିକୁ ପଚାରିଲେ ହୁଅନ୍ତା !
ଅଛି କି କିଛି ତା'ର ଡାକଘର ଠିକଣା
ହାତୀଙ୍କୁ କହିଲେ ହୁଅନ୍ତା : ଆଉ ଥରେ
ସ୍ତୁତି କରୁନ 'ରାମକୃଷ୍ଣ ନନ୍ଦ'ଙ୍କ ପ୍ରାର୍ଥନା କବିତା
କେତେ ବଦଳି ଯାଉଛି ପ୍ରାଥମିକ ବିଦ୍ୟାଳୟର ପ୍ରାର୍ଥନା ଠୁଁ
ଡ଼ି.ଏଫ୍. ଓ.ଙ୍କ ଚାର୍ଯ୍ୟସିଟ୍ ରିପୋର୍ଟ ।

ଚାଲାଣ ହେଉଥିବା ଗୋରୁଗାଈଙ୍କୁ ବୁଝାଇଲେ ହୁଅନ୍ତା
'ବଉଳା ଗାଈ'ର ନୀତିନିଷ୍ଠ
କାହାଣୀ ରଚନା
କାଶ୍ମୀର ବାସିନ୍ଦାଙ୍କୁ ଜବାବ ତଲବ୍ କଲେ ହୁଅନ୍ତା
ବନ୍ୟାବେଳେ ଭୋକ ଓ ଏଲ୍. ଓ. ସି.ର. ରକ୍ତଭିଜା ନକ୍ସା
ହେଲେ ଯେ' କ'ଣ ସବୁ ପଚାରିପାରେ
ବାରମ୍ବାର ହାରୁଥିବା ଜଣେ ଅକର୍ମା ମଣିଷ !

❐❐❐

କ'ଣ ମିଳିଲା

ଈଶ୍ୱରୀ ! ଦିନରାତି ଦୌଡ଼ି ଦୌଡ଼ି
କ'ଣ ପାଇଲ ?

ରଖିପାରିଛ ତମକୁ ଲେଖିଥିବା
ପ୍ରଥମ ଚିଠି

ଜାଣିଛି ରଖି ନ ଥିବ ।

ପିଲାଛୁଆ ସଂସାର
ପିଲାମାନେ ଠେକ୍ ହେଲେଣି
କାଳେ କା ହାତରେ ପଡ଼ିବ
ଶେଷରେ ହଜିଯିବ ବିଶ୍ୱାସର ଦଲିଲ ଖଣ୍ଡିକ ।

ଈଶ୍ୱରୀ ! ପାଇଲଣି ତୁମ ଭଂଗାଘର ପାଇଁ
ପ୍ରଧାନମନ୍ତ୍ରୀ ଆବାସ ଟଙ୍କା
ଟଙ୍କାକିଆ ଚାଉଳ କି ପାଇଖାନା ଟଙ୍କା
ଭାତ, ତରକାରୀ କରୁଛ କି
ଉଜ୍ଜ୍ୱଳା ଯୋଜନାରେ ମିଳୁଥିବା
ଧୂମହୀନ ଗ୍ୟାସ ଓ ଚୂଲା
ପାଉଛ କି ସ୍ୱାମୀ ସୁହାଗିନୀ
ମମତାର ମୋତି

ଜାଣିଛି ଅଭାବୀ ପରିବାରେ ସେସବୁ
ମିଳିବା ମୁସ୍କିଲ୍
ନଅଣ୍ଟର ଆଶାବରୀ ଗାଇଗାଇ
ଦଇବ ଦଉଡ଼ିରେ ଜୀବନ
ଆଗକୁ ଯାଉଛି ।

ଈଶ୍ୱରୀ ! ପ୍ରେମ ଆଜିକାଲି ପାଲଟିଲାଣି
'କାଳିଆ ଯୋଜନା'
ଦେବାନେବାର ସଂସାର
ସେତେବେଳେ ତ ପ୍ରେମ ଦେଲନି
କି ନେଲନି
କେମିତି ନେଉଛ ନିଃଶ୍ୱାସ ?


ମୋ ଯୁଗପତ୍ ବିଶ୍ୱାସର
ଆମାଜନ୍ ଏବେ ବି ଜଳୁଛି
ଲିଭିବାର ନାଁ ତ ଧରୁନି
ପାରୁଛ ଯଦି ସ୍ମୃତିର ପାଣି ଢ଼ାଳି ଦେଇ
ଏବେ ଶୋଇପଡ଼ !

❐❐❐

ଭ୍ରମରେ ଭ୍ରମର

ଶିଉକୁ ଶଉରେ ଗୁନ୍ଥି ଦେଲେ ଯେ
ସିଏ କବିତାର କବି,
ଏକାଡ଼େମୀ ନାମରେ ଗୋଟେ ପ୍ରଶସ୍ତିର ଫଳକ
ଜନ୍ମଦିଏନା କବିକୁ
ଗୋଟେ ଦି'ଟା ମୋଟା ଅଙ୍କର ମାନପତ୍ର
ବାଣ୍ଟୁଥିବା ଅନୁଷ୍ଠାନ ଯଦି ବାଛିଦେଲେ
ସେ ମଣିଷ ବି ନୁହେଁ କବି ॥

କବି : କାଇଦାର ଜାଲରେ
ଶଠତାର ଚତୁରଂଗ ଖେଳ ଖେଳିପାରେନା
ତାଳଗଛ ଉଂଚ ପ୍ରଭେଦ ରହେନା
ଆଚରଣ ଓ ଉଚ୍ଚାରଣର ଦ୍ୱନ୍ଦ୍ୱରେ ବାଡ ବସେନା
ସବୁ ହୁଗୁଳା ଢ଼ିଲା, ବେଓ୍ୱାରିସଦାର
ତା' ସକଳ ଶଉର ସଂସାର
ଖଣ୍ଡପଡ଼ା ରାଜାଙ୍କର ପ୍ରଶସ୍ତି ଗାନ କରୁଥିବା
ଦରବାରୀ ହୁକୁମାତି ମଧ୍ୟ ନୁହେଁ କବି
ସରକାରୀ ସଂସ୍ଥା ତ ଜତନ୍‌ନଗର ଯନ୍ତ୍ରଣା
ଅଣନିଃଶ୍ୱାସୀ ମୃଗୁଣୀ ବରାବର ଧାଉଁଥାଏ
ଜଘଂଲୀ ହୃଦୟର ରକ୍ତକୋଷରେ
'ଲବି' ବୋଲି ଶଉଟିଏ ପରିଚିତ ହୁଏ
ବନ୍ୟ ହେଣ୍ଡାଳ ଶଉରେ
ଶବ୍‌ଦ ତୋଳିବାକୁ କବି ଶୂନ୍ୟ ଆକାଶକୁ



ଚାହେଁ ଆଉ ଛୁଏଁ
ମୋହିତ ହେଉଥାଏ ମାଟିର ବାସ୍ନାରେ,
ବୃକ୍ଷରାଜିର ସବୁଜ ପଣରେ
କବି ତିଆରୁଥାଏ ରାସ୍ତାଟିଏ
ପାହାଡ଼ ମଝିରେ, ସମୁଦ୍ର ଭିତରେ,
ଶବ୍ଦର ସତ୍ତାରେ ବିମୋହିତ କବି
ଚିରକାଳ କି ପ୍ରଦ୍ୟୁମ୍ନ ପରି ଅନ୍ତଃସତ୍ତ୍ୱା
ଯେତେ ଘଷିଲେ ବି ଶବ୍ଦର କୁନ୍ତକୁ
ଶେଷରେ ଜାରାଶବର ଦେଖାଦିଏ
ଶିଆଳିଲତା ମଝିରେ
ପ୍ରଭୁପାଦ ଦୃଶ୍ୟମାନ ହେଉଥାଏ ମୃଗର କର୍ଣ୍ଣଯୁଗଳ ॥

❐❐❐

ଦାସେ ଆଜ୍ଞା !

ଦୟା ଭାର୍ଗବୀର କୂଳ ଛୁଉଁ ଛୁଉଁ
ଘୁଂଚି ଆସେ ସମୁଦ୍ର ଯେତେବେଳେ
ଦାସେ ଆପଣେ ଚେଇଁ ଉଠୁଥିଲେ
ଭେଟିବାକୁ ବୁଭୁକ୍ଷୁ ପଟୁଆର
ଶୁଣୁଥିଲେ କାନେଇ କାନେଇ
ଶତାବ୍ଦୀର ଆର୍ତ୍ତନାଦ ସୁଆଣ୍ଡ ଗାଁରୁ ସମଗ୍ର ଉତ୍କଳ
ଓଦା ଓଦା ଆଖିପତା
ଦୁଃଖଭିଜା ହୃଦୟଟେ ନେଇ
ସୁମରଣାରେ ବିତୁଥିଲା ସମୟ ଡଂଗାରେ ଡଂଗାରେ
ଜଗନ୍ନାଥଙ୍କୁ ଧାୟୀ ଧାୟୀ
"ପତିତ ଜନଙ୍କୁ ଉଦ୍ଧାର କର ହେ ! ମଣିମା"
ଜନନୀର ଦୁଃଖ ଏବେ ଯାଉ ପାହି ॥

ରାତି ପାହିଲା, କାଉ ବି ରାବିଲା
ଦାସେ ଆପଣେ କେବେଠୁଁ ଗଲେଣି
ସୁଆଣ୍ଡରୁ, ଦୟା ଭାର୍ଗବୀ କୂଳରୁ,
ବକ୍ୱିବଜାର ଛକରୁ
କେଉଁଠି ଗୁପ୍ତ ହେଲ ଯେ
ଗୋପପୁରରେ କି ଚକ୍ରଧରପୁରରେ
ତଥାପି ଅଂଧାର ହଟୁନି ଜନନୀ ଜଠରୁ

ବରୁଣେଇ ପାହାଡ଼ ଚୂଳିରୁ
ହଜିଯାଉଛି ଭାଗ୍ୟବିଧାତାଙ୍କ
ରତ୍ନଭଣ୍ଡାର କୁଂଚିକାଠି
ଆମେ ଯେତେ ହତଭାଗ୍ୟ
କର ଓ କପାଳରେ ଅଟକି ଯାଇଛୁ
କେଉଁ ସ୍ୱପ୍ନଭୁକ୍ ମସନଦର
ମହୋଦଧି ତଟେ ॥

❐❐❐



ଜୟା ରାଉଳର ଧାନବସ୍ତା

ମୁଣ୍ଡ ଉପରେ ଜୀବନର ବୋଝ
ଲଦିଦେଇ ଚାଲିଛି
ନିରୋଳା ବାଟରେ
ବୋଝ ଝିଙ୍କେଇ ଦେଉଛି ଆଗପଛ
ଜୟା ରାଉଳ ଧାନଭାର ରାସ୍ତାରେ
ଅଣାକାର ଧାନକଳକୁ ପେଷେଇ ଯାଏ

ଦି' ଅଂଗା ମଝିରେ ଥାଏ କାନ୍ଧ
ବିନ୍ଧିଲେ କାନ୍ଧ
ଜୟା କାନ୍ଧ ବଦଳାଏ
ମନେପଡ଼େ ଘରେ ଭୋକିଲା
ଆଖିର ଚିତ୍ର

ରାସ୍ତା ତ ଚିରକାଳ ଅଙ୍କାବଙ୍କା
ସେଇ ଢ଼ଂଗରେ
ମଣିଷ ଚାଲେ

ଭିଡ଼କୁ ଆରେଇ ଆରେଇ
ପଛରୁ ଦ୍ରୁତଗତିରେ ମାଡ଼ି ଆସେ
ମୋଟର ନାମକ ଧୂମକେତୁ
ଧକ୍କା ବାଜେ
ବୁଣି ହୋଇଯାଏ ଭରସାର ଧାନ
ମାଟି ଗୋଡ଼ି ରାସ୍ତାରେ
ସାଲାଇନ ବୋତଲକୁ ଦେଖି ଦେଇ
ଜୟା ପଚାରେ ଧାନବସ୍ତାର ହାଲ

ପାଖ ଲୋକ କୁହନ୍ତି
'ଜୀବନଟା, ରହିଗଲା, ଗ୍ରାମଦେବତୀଙ୍କୁ
ମୁଣ୍ଡ ମାର' ।
ଅଜଣା ଦିନର ଆହାର ବିହୁନେ
ଜୟା ରାଉଳ ଛାତିରେ ଚାଲେ କରତ
ଶାଢ଼ୀ ପଣତରେ ଆଖି ପୋଛୁ ପୋଛୁ
ଘର ଭୂଆଷୁଣୀ ମାମଲତକାରକୁ
ବଢ଼େଇ ଦିଏ ଦି' ପଟ କାନଫୁଲ
ସଂଚିଥିଲା ଆର ବଇଶାଖକୁ ।

❐❐❐



ଚଣ୍ଡୀଗୋକ

ଶୀ।ସ୍ତୀୟ ରାଗର ବର୍ଣ୍ଣବିଭାରେ
ବଧ ହେଲେ ମଧୁସୂଦନ
ବୋଧହେଲାନି ଯେ ଜାତିରଦାରିଦ୍ର୍ୟ
ସମୁଦ୍ର ତଟରେ କୋଣାର୍କ ପରି
ଠିଆ ହୋଇଛି କେଉଁକାଳୁ
ମାଟିମାଆର ଭାଷା ।

ମଧୁରାଓ କି ମଧୁସୂଦନ ଦେଖିଲେନି
ତେନ୍ଦୁଲକର୍ ଠାରୁ ରଂଗରାଜନ ରିପୋର୍ଟ
କେମିତି ଗାଉଛୁ ଆମେ
'ବୈମାତୃତ୍ୱ'ର ଜାତୀୟ ସଂଗୀତ ॥
ଦାସେ ଆପଣ ! କହିଥିଲ
କେତେଦିନ ଶୋଇଥିବ ବୋଲି
ଚନ୍ଦ୍ରସେଣା ପରି ଆମେ ଖାଲି ଶୋଇନୁ
ନପୁଂସକତାରେ ଯୋଜନ ଯୋଜନ ବ୍ୟାପୀ
ଘୁଂଗୁଡ଼ି ମାରୁଛୁ ।

'ଥରକୁ ଥର ପଡ଼ି ତଳେ' ନ୍ୟାୟରେ
ଭାବିଥିଲୁ ଏଥର ନ ହେଲେ ଆଉଥର
ବଦଳିଯିବ ଆମ ଭାଗ୍ୟ ଆଉ ଭବିଷ୍ୟ
ଥରଥର କରି ଚାରିଥର ହେଲାଣି
ତଥାପି ଶୁଣିଲୁନି 'ଚଣ୍ଡୀଖୋଲ' 'ବାରିପଦା'ର
ଶୁଦ୍ଧ ଉଚ୍ଚାରଣ ॥

ଗ୍ରାମ ସଭାରୁ ବିଧାନସଭା ଦେଖୁଛୁ

ଜଳକା ନୟନେ
ଅଧିଷ୍ଠାତାମାନେ ଅରଣା ମଇଁଷି
ରୋମନାରୀ ପରି ବାଜୁଛି
କ୍ଷୁଧିତ ମଣିଷର ଅନ୍ତଃନାଡ଼ି ବୀଣା
ଦନେଇମାନେ ଫିଥର ବିଧାନସଭା ବସିଲେ
ଲୋଅର୍ ପିଏମ୍‌ଜିରେ ହାତ ପାତି ବସନ୍ତି
ସାମ୍ନାରେ ଥାଉପଛେ
ଓ୍ୱାଘାବୋର୍ଡ଼ର ପରି ବାଧାବଂଧନ ॥
"ତୋ ପୂର୍ବ ପୁରୁଷ ଜୟ କରିଥିଲେ
ଗଂଗାଠାରୁ ଗୋଦାବରୀ"
କଥାରେ କିଛି ଯାଏ ଆସେ ନାହିଁ
ମପେଇ ଦେଇଛୁ ପୋଲାଭରମ୍ ଠୁ
ଆମ ଖଣି, ପାଣି
ଖଣ୍ଡି ଓଡ଼ିଆ ବେଦବତ୍ତା ଶ୍ରୀଖଣ୍ଡିମାନଙ୍କ ହାତରେ
ଯୁଝିବେ ସେମାନେ ହାତେ ଧରି ପୁଷ୍ପଧନୁ
ଇନ୍ଦ୍ରପ୍ରସ୍ଥର ଗଡ଼ଗାଇ ପାଖେ ପାଖେ
ସାରଳାଙ୍କୁ ଭୁଲି ଆମେ
ଏବେ ବିରଳା ପଛରେ
ଲୁଟ୍ କରିବାକୁ ଅବଶିଷ୍ଟ ଓଡ଼ିଶା ।
କେଡ଼େହିନିମାନୀ ଉତ୍କଳଜନନୀ
କିମ୍ପାଇ ବନ୍ଦିଲ ହେ କାନ୍ତକବି !
'ଚାରୁହାସମୟୀ, ଚାରୁ ଲାସମୟୀ ।
ଆଜି ଓଡ଼ିଶାର ନୁହଁଇ ଛବି ॥

ବୀର ପ୍ରସବିନୀ କଳିଙ୍ଗ ଜନନୀ
ଦେଖିଯାଅ ଥର ଧଉଳି ଧାରେ
ପାହିଗଲେ ରାତି
ପେଟର ତାତିରେ
ଓଡ଼ିଆ ତ କହେ
ଦେଇଯାଅ ବାବୁ ଏଇ ପତରରେ
ଚାଉଳ ମୁଠେ ॥
ରାତି ପାହିଯିବ କାଉ ଯେ ରାବିବ
ଉଠିବ ଓଡ଼ିଆ ପୁଅ
ଅବୋଧ ଶିଶୁକୁ ଚେତନା ଜ୍ୱାଳାରେ
ଲେଖିଦେଇଥିଲ ଭକ୍ତରାଓ !
ମଧୁରବଚନ ଅମୃତ ସମାନ
ଲେଖିଥିଲ ତୁମେ ଶିଶୁଙ୍କ ପାଇଁ
ଓଡ଼ିଶା ମୁଲକେ ଓଲଟା ଘଟୁଛି
'ମଧୁବର୍ଣ୍ଣ ବୋଧ'
କେଉଁଠି ନାହିଁ ॥
କଳିର କାଳରେ କରାଳର ଗତି
କେଉଁପୁଅ ତାକୁ ପାରିବ ରୋଧି,
କଳିଂଗଯୁଦ୍ଧର ଚଣ୍ଡାଶୋକ ପୁଣି
ଓଡ଼ିଆ ମାଟିକୁ ଆସେ ଲେଉଟି ॥

❐❐❐

ଏକ୍‌ଲା

ମୋ ଦାରିଦ୍ର୍ୟର ଛେଉଣ୍ଡ ପଣ
ଅଂଗନବାଡ଼ି କେନ୍ଦ୍ରରେ କୋରିକାରି ଖାଇଗଲା
ମୁଁ ନିଃସ୍ୱ ବାପଟିଏ ଅଭାଗିନୀ ଝିଅର

ମୋ ଘର ଚାଳରୁ ଚନ୍ଦ୍ରସୂର୍ଯ୍ୟ
ସଳଖ ପ୍ରବେଶିଲା ପରି ହାଣ୍ଡିଶାଳ ଯାଏଁ
ଭେଣ୍ଡିଆ ପବନ ସେମିତି ପଶିଲା
ଗୃହଶୂନ୍ୟ ହେଲି ମୁଁ
ଆଶ୍ରୟ ନେଲି ଅଙ୍ଗନବାଡ଼ି ପିଣ୍ଡାରେ
କେଉଁଠୁ ଆସିଲା ଯେ' ହାତର
ମନଲୋଭା ଆମନ୍ତ୍ରଣ ଯେ
ଦିଦିଙ୍କ ସ୍ୱାମୀ ଖୋଲିଦେଲେ
ଚାବି ପଡ଼ିଥିବା ଘର ଯେତେ
ଅଜାଡ଼ି ପକାଇଲି ଯେତେ ଯେତେ ଆଶୀର୍ବାଦ
ବାବୁଙ୍କ ଉପରେ

ହେଲେ ମୋର ଆଶୀର୍ବାଦମାନେ ପାଲଟିଲେ ଅଚାନକେ ଅଭିସଂଘାତ
ନିଦୁଆ ଝିଅକୁ ବିଛଣାରୁ ଟେକି ନେଇ
ଆଦାୟ କଲେ କଂଚା ରକତର ଠିକଣା
ମୋ ବେକରେ ଲାଗିଥାଏ ତୀକ୍ଷ୍ଣ ଭୁଜାଲିର ଧାର
ଅନ୍ଧୁଣୀ ଝିଅଟା କହୁଥାଏ 'ବାପା ବାପା' ବାରମ୍ବାର
ମୁଁ ନାଚାର ଧୃତରାଷ୍ଟ୍ର ସାପସିଡ଼ି ମୁଦ୍ରାର
ଶେଷରେ ମୋ ଝିଅର ମୃତ ଦେହ ମିଳିଲା ଅଙ୍ଗନବାଡ଼ିର ରୁଦ୍ଧଦ୍ୱାର ଘର ॥

ଲୋକଙ୍କ ବୁଦ୍ଧିରେ ଥାନାକୁ ଗଲି

ନାଲି ଆଖି ଦେଖିଲି
ଗାଳି ବି ଖାଇଲି
ପୋଲିସ ବାବୁ କହିଲେ କେଶ୍‌ର ମେରିଟ୍ ନାହିଁ
ରାସ୍ତାରେ କେଉଁଠି ଗାତ ଖୋଳି ପୋତି ପକା !

କମ୍ପ୍ରମାଇଜ କରିଦେ'
ଟଙ୍କା ଷାଠିଏ ହଜାର ଧରିନେ'
ଘର ଦୁଆର ବନେଇ ଆଉ କେତେ ଦିନ ବଂଚିଯା ।
ସାମ୍ବାଦିକ କିଏ ସବୁ ଯେ
ଗୁଡ଼େଇ ତୁଡ଼େଇ ପଚାରିଲେ ମୋତେ
ମୁଁ ମୁରୁଖ କି ଭୁଲ୍ କହି ଦେଲି ଯେ
ଆଉ କେହି ଦେଲେ ନାହିଁ ଦେଖା
ତା'ପରେ ବଡ଼ବାବୁଙ୍କ ଘରେ
ମଦ, ମାଂସର ଦୀର୍ଘକାଳ ବାସ୍ନା
ମୁଁ ନିରୀହ କପୋତ ପକ୍ଷୀ
ମା' ପ୍ରୁଙ୍କ ସଂସାରରେ ନାହିଁ ମୋର କୈବଲ୍ୟର ଆଶା
ବଂଚିବାକୁ ଯାହା ମୋତେ ମିଳିଛି ଭରସା ॥

❐❐❐

ପ୍ରଭୁ

ପବନ ପରି
ତୁମକୁ ଛୁଇଁ ଛୁଇଁ
କେତେ ବାଟ ଚାଲିବି
ସତୀପଣ ପାଇଁ ସୀତା ପରି
ନିଆଁରେ ପଶିବି
ମୁଁ କିଏ କି
ଏସବୁକୁ ତର୍ଜମା କରିବି ?
ମପେଇ ଦେଇଛି ତମାମ ମନ ଓ ଶରୀର
ତୁମ ଶ୍ରୀମନ୍ଦିର ଠୁ ସମୁଦ୍ର
ତୁମ ଆନନ୍ଦ ବଜାରରୁ ମାଉସୀ ମା' ମନ୍ଦିର
କେଉଁଠି ତୁମେ ପ୍ରକଟିତ
କେଉଁଠି ତୁମେ ଗୁପ୍ତ
କେହି କ'ଣ ଜାଣିଲେ
ଯେ ମୁଁ ଜାଣିଯିବି ।
ଏତେ ଆପଣାର ଯେ
କହୁ କହୁ ଲୁହ ଆସେ ଆଖିରେ
ବଂଧଭାଂଗେ ହୃଦୟରେ ବାରବାର
ତୁମେ କେଉଁଠି, ତମେ କେଉଁଠି
ଆତୁର ! କେହି ଜଣେ ମଣିଷ
ଦଳିତ ପାମର ବିଷ୍ଣୁ ସେଠୀ

କିଏ ବାଛିଲା ତେତିଶ କୋଟି ଭିତରୁ ତୁମକୁ
ସମସ୍ତଙ୍କ ସର୍ବସ୍ୱ ପୁଣି ନିଜସ୍ୱ
ପ୍ରତି ପରିବାରର ମାମୁ, ମଉସା ପରି
ମୁରବୀ ପଣରେ
କିଏ ଶିଖେଇଲା ଅଭିମାନରେ
ମୁହଁ ବୁଲେଇବାକୁ ! ପ୍ରେମିକାଟେ ପରି

ମୁଁ ଜାଣେ
ଏସବୁ ନିରର୍ଥକ ଯେତେ ସବୁ ମୋ ରାଧାପଣର
ଅଂଜନାପୁତ୍ରର ଦାସ ପଣର
ତଥାପି ମୋତେ କେହି ଘାରୁଥାଏ
ସଂଜରୁ ସକାଳ
ହୃଦୟ ପଠାରେ ଏକଲା
ପକ୍ଷୀଟିଏ ବସିଥାଏ, ଖୁବ୍ ନିରୋଳ ନିରୋଳ
କାହାକୁ ଯେ ଅପେକ୍ଷା ଜାଣେନା
ତଥାପି କେହି ମୋତେ 'ଅହର୍ନିଶି ଘାରୁଥାଏ ।

❐❐❐

କବିତା

ଅନେକ ପୂର୍ଣ୍ଣଚ୍ଛେଦର
ଆରମ୍ଭ ମୁଁ
ନାଁ ମୋର କବିତା,
ଯେଉଁଠି ଉତୁରି ପଡ଼େ ଦୁଃଖ, ସୁଖ
ସେଇଠି ମୁଁ ବିରାଜୁ ଥାଏ
ଚିରକାଳ ! ମେଦରେ, ସ୍ୱେଦରେ
ରଂଗରେ, ରକ୍ତରେ
ପ୍ରିୟତମା, ପ୍ରିୟଜନଙ୍କ
ହସରେ, ରୋଷରେ ॥

କେବେ କେବେ ଅଜଣା ଜହ୍ନର
ଲୁହଭିଜା ଓଦା ଓଦା ଓଠରେ
ଭିଜାଉଥାଏ ମୁଁ
କୌଣସି ନିଃସଙ୍ଗ ମଣିଷର ଏକ୍ଲାପଣକୁ
ଘାଣ୍ଟୁଥାଏ ବୌଦ୍ଧିକ ହାଣ୍ଡିରେ

ତରଳ ଶ୍ରଦ୍ଧାର ଶବ୍ଦମାନଙ୍କୁ
ମୁଦ୍ରିତ ନୟନେ ଅତୁଲ୍ୟ ତପସ୍ୱୀ ପରି
ଭାବର ଅଦୃଶ୍ୟ ମୋହିନୀ ବେଶରେ

ପୁନଶ୍ଚ ବାଂଧୁଥାଏ
ଶବ୍ଦହୀନ ଅଂଧ ତମସ କାଗଜର ଛାତିକୁ
ଆକ୍ରାମାକ୍ରା କରୁଥାଏ

ଲେଖନୀର ଚମ୍ପାରଙ୍ଗ ଅଙ୍ଗୁଳିରେ

ପ୍ରଚଣ୍ଡ ଖର ନିଃଶ୍ୱାସରେ
କଲେଇ ବଲେଇ ହେଉଥିବା
ଅଜସ୍ର 'ହାଇଫେନ୍', 'କମା' ଓ 'କଲନ'ମାନଙ୍କର ଦେହ
ଭାବୋଚ୍ଛ୍ୱାସର ସୁପାତିଶେଯରେ ।

ଶେଷରେ ଠିଆ ହୋଇଯାନ୍ତି ଜାତୀୟ ଦିବସ ପାଳିବା ପରି
କୌଣସି ପ୍ରାଥମିକ ବିଦ୍ୟାଳୟର
ମଧ୍ୟାହ୍ନ ଭୋଜନ ଶିଶୁଙ୍କ ପରାୟେ
ଧାଡ଼ି ଧାଡ଼ି କବିତା
ଅଥଚ କେଉଁ ଦିଗ୍‌ବଳୟରେ
ନଇଁ ଯାଉଥାଏ ମୂଲ୍ୟହୀନ ବୃକ୍ଷଟିଏ
ଯେ ଲେଖି ସାରିଥିଲା କେତେ ଅଜଣା କବିତା ॥

❐❐❐



ପକ୍ଷପାତିତା

ଅନନ୍ତ ଆକାଶର ନିଳୀମା ତଳେ
ଲଟେଇ ହରା ଲୁହଲୁହାଣ
ଗୁଡ଼ିଟିଏ ମୁଁ
ଆଶ୍ରାଲୋଡୁଥାଏ ଠାବ ମିଳିଯାଆନ୍ତା କି
କେଉଁ ଗଛର କୋରଡ଼, ଟିଭି ଆଣ୍ଟିନା
କି କୋଠାଘର ଛାତ
ବହୁତ ଉଡ଼ିଲି ମନଇଚ୍ଛା
ମାତାଲ ପବନର ସ୍ପର୍ଶରେ
ଉଡ଼ିବା ଆଗରୁ ମୂଲଚାଲ କରି ନ ଥିଲି
ଜାଣି ନ ଥିଲି ସଂସାରରେ ଯେତେ ଯାହା
ନିଜର ନିଜର ବୋଲି
ଧୋକା ଦିଅନ୍ତି ସଭିଏ
ମେଣ୍ଟେଇବାକୁ ନିଜ ନିଜ ଗରଜ
ହଠାତ୍ ଏମିତି ପକ୍ଷହୀନ ସମୟ ଯେ ଆସିବ
ଅକ୍ତିଆର କରି ନେବ ମୋର ସମସ୍ତ ସ୍ଥାବର ଅସ୍ଥାବର ଅସ୍ତିତ୍ୱ
ମୋ ବେସାହାରା ପଣକୁ
ଅଦୃଶ୍ୟ କପାଳର ଟୋପାଟୋପା ଲୁହକୁ ॥
ମୁଁ ଜାଣେ
ଏଇ କେଇ ମୁହୂର୍ତ୍ତରେ
ଭୂପତନର ଆଭାସ ମିଳିଲାଣି
ମାଟି ତ ମାଆ ପରି, ଅପେକ୍ଷାରତ
ଆଦରି ନେବାକୁ ମୋ ପରି ପରହୀନ,
ଅକ୍ଷହୀନ ଚରିତ୍ରମାନଙ୍କୁ

ଶେଷରେ ଜାଣିଲି ।
ଆକାଶ ପାଲେନି କେବେ
ପ୍ରତିଶ୍ରୁତିମାନଙ୍କର ଅନୁଢ଼ା ଅକ୍ଷର
ହାୟଃ ! ଜାଣିଲା ବେଳକୁ
ମୁଁ ଆତଯାତ
ଏକ ଅମ୍ଳଜାନବିହୀନ
କଠୋର ପୃଥିବୀ କୋଳରେ
କଣ୍ଟାବାଉଁଶ ବୁଦାରେ
ଲଟ୍‌କି ଗଲିଣି
ଫୋଡ଼ି ଦେଇ କେତୁଟା
ଡାବୁଲିଆ ବାଉଁଶ କଣ୍ଟାର
କର୍କଶତା ମୋର
ସମଗ୍ର ଶରୀରେ ।

❐❐❐

ଲଂଗଳା

ଭୂମିଷ୍ଠ ହେବା ମାତ୍ରେ
ବୋଧେ ଖାଦ୍ୟ ମାଗିଲି,
ବସ୍ତ୍ର ନୁହେଁ ।

କଥା କହିବା ଜାଣି ନ ଥିଲେ ବି
ଏନ୍ତୁଡ଼ି ଘରୁ ଚମକାଇ ଦେଲି
ଆମ ତମାମ ମୁରବୀ ଓ ପୁରବନ୍ଦୀ ଘର ।

ସେଇଦିନୁ ଶୂନ୍ୟ ପୁରୁଷଙ୍କ ପରି
ମୁଁ ଲଂଗଳା ଲଂଗଳା
ମାଆର କୋଳାଗ୍ରତ ଅନ୍ତରୀକ୍ଷରେ ॥

କ୍ରମେ କ୍ରମେ ମୋତେ
ତାଗିଦ୍ କରାଗଲା :
ଲଂଗଳା ହଅନା –
ଗୁଗୁକଥା ।

ଅନ୍ତଃବସ୍ତ୍ର ତଳେ ଲୁଚିଗଲା
ମୋ ଲଂଗଳା ଲଂଗଳା ପରିଚୟ ।
ଏମିତି ଦିନ ଆସିଲା
ମୋତେ ଲଂଗଳା କରିବାକୁ
ଚାଲିଲା ଜବରଦସ୍ତ ଆୟୋଜନ
ଓ ଆୟୋଜକମାନେ ବି ସଫଳ ହେଲେ ।

ଯେତେ ଯେତେ ବୟସ ବଢ଼ିଲା
ଲଂଗଳା ହେବାକୁ ଆଉ
ମୁଲିଜା ହେଲାନି

ବିଶେଷତଃ ଅନ୍ତରଂଗ ଦୁଇଟି ଆଖିର ସାମ୍ନାରେ ।
ସମୟ ଏମିତି ବଦଳିଲା
ଲଂଗଳା ନ ହେଲେ
ନପୁଂସକତାର ସରୀସୃପ
ଝିଂଗାସି ଝିଂଗାସି ମୋତେ
ରକ୍ତାକ୍ତ ବି କଲା ।

ଏତେବେଳେ ମନେ ପଡ଼ିଲା
"ଆସିଛୁ ଲଂଗଳା ହୋଇ
ଯିବୁ ଶୂନ୍ୟ ହୋଇରେ"
ଖୋଜିଲି ଆମ ଠାକୁର ଘରେ
ଅଲୋଡ଼ା ଶରୀମାର୍ଥ ଯେତେ ସବୁ ଚଟି ବହି
ଏବେ ହେଜୁଛି - ଯେଉଁଦିନ ହେବ
ଅନ୍ତିମ ବିଦାୟ
ସେଦିନ ବି ଖଣ୍ଡେ ପାତଳ ଧୋତିରେ
ମୁଁ ହେଉଥିବି ଅର୍ଦ୍ଧନଗ୍ନ ମାଲଭାଇଙ୍କ
ସାମ୍ନାରେ
ତଥାପି ମୋ ଲଂଗଳା ଦୃଶ୍ୟକୁ
ଏଡ଼େଇ ଯାଉଥିବେ ଦଳେ
କ୍ରନ୍ଦନରତା ମହିଳା ।

ମର୍ଦ୍ଦେମାନେ ଧୋତି ପିଂଧାଉ ପିଂଧାଉ ଭାବୁଥିବେ
'ହଃ, ଆଉ କ'ଣ ଅଛି ଏ ମଣିଷ
ପାଖରେ, ଆଉ ଦଣ୍ଡେ ଗଲେ ତ
ମୁଠାଏ ପାଉଁଶ,
ଜାଣେନା- ଶୂନ୍ୟ ପୁରୁଷ ବୋଲି

ଆମେ ଯାହାକୁ ଚିହ୍ନନ୍ତି
ସେ କ'ଣ ଆମ ପରି ଲଂଗଳା
ଲଂଗଳା ନା ଧର୍ମ ପୁସ୍ତକ ଠୁ
କମ୍ପାନୀ ଛାପିଥିବା କ୍ୟାଲେଣ୍ଡରରେ
ଦିଶୁଥିବା ବିବିଧ ବସ୍ତ୍ରାବୃତ୍ତ ଅସ୍ତ୍ରଧାରୀ ପୁରୁଷ ।

ଯାହା ହେଉ - ଧର୍ମାନୁରାଗୀ
କଉଁଠି ଥରେ ବି କହିନାହାନ୍ତି ଶୂନ୍ୟ ପୁରୁଷ ପରି
ଶୂନ୍ୟ - ମହିଳାର କଥା ।
ଜାଣିଛି ମୋର ଏଇ ପୁନଶ୍ଚ ଭୂମିଷ୍ଠ
ପ୍ରକିୟା କାଳରେ ମୁଁ
ନା କାନ୍ଦୁଥିଲି
ନା ମାଗୁଥିଲି, କାରଣ ଯାହାକୁ ମାଗିଥାନ୍ତି
ତା'ର ଦୁଇ ହାତ ଲଂଗଳା ।

❐❐❐

ନିଃସ୍ୱ

ଅଭାବୀ ମଣିଷ
ଭୂଇଁଲଗା ଝୁପୁଡ଼ିରେ
ପୋକଜୋକ ସାଲୁବାଲୁ
ନିରୀହ ଶୀରା, ପ୍ରଶୀରା, କଲିଜା ଭିତରେ
ପଖାଳ ତୋରାଣୀ କଂସାରେ
ହାତରେ ଆଡ଼େଇ ଦେଇ
ପିଉଥିବା ନଈର ପାଣିରେ
ବାରଣ ନାହିଁ - ପାପ - ପୁଣ୍ୟ, ଅଂଧାର - ଆଲୁଅ ॥

ମୋ ଚୌଦପୁରୁଷ ଠୁ ମୋ ଯାଏ
ନେହୁରା ହେଇ ଆସୁଛୁ
ମଣିମା'ଙ୍କ ଠୁ ସାଇବଙ୍କ ଯାଏଁ
ତଥାପି ଦଲଦଲ ହେଉଛି
ମୋ ଭିଟାମାଟି
ଘେରେଇ ପାରେନି ମୋ
ଶୋଇବା ଥାନକୁ
ସେଉଠୁ ବି ଉଇଁଆସେ
ମୋ ପ୍ରିୟତମ ସକାଳର ସୂର୍ଯ୍ୟ ॥

ସତରେ କେତେ ଭିଆଣରେ
ମହା'ପ୍ରୁ ସର୍ଜନା କଲେ
ଅଂଧାର - ଆଲୁଅ, ପାପ - ପୂଣ୍ୟ
ଓ ରାତି - ଦିନର ପାହାଚ
କେମିତି ସମାନ ସୂର୍ଯ୍ୟାଲୋକରେ

ଦୌଡୁଥାଏ କଅଁଳାବାଛୁରୀ ପରି
ଅଂଧାର ନେସା ମୋ ଭାଗ୍ୟ
କେମିତି ଉଆଁସ ରାତିରେ
କୋଟି, କୋଟି ତାରାମାନଙ୍କର
ନିଷ୍କରୁଣ ମୁହଁ
ସାନ୍ତ୍ୱନା ଦିଅନ୍ତି ମୋତେ
ସାରା ସଂସାରକୁ ॥
ଆସନ୍ତାକାଲିର
ଜହ୍ନରାତି ପାଇଁ ॥

ଝୁପୁଡ଼ି ଭିତର ବାଉଁଶ ଖୁଣ୍ଟରେ
ଟାଂଗି ଦେଇ ଈଶ୍ୱରଙ୍କ ଫଟୋ
ଭୟରେ ଗାଉଥାଏ ଦାର୍ଢ଼ତାଭକ୍ତି,
ମନବୋଧ ଚଉତିଶା-
ପଶିବନି ସାପ,
ଛୁଇଁବନି ଜାଡ଼
ଝୁଣ୍ଟିବେନି ସରପଂଚଙ୍କ ପୁଅ
ମାଡ଼ି ଆସିବେନି ସରକାରୀ ଦପ୍ତରୀ ବାବୁ
ଚେପା ହେବନି ମୋ' ମାଟିହାଣ୍ଡି,
ଆଲୁମିନିୟମର ବାସନ, ଥାଳିଆ ।

ମୋ'ରି ହାତରେ ତାଡ଼ି ପକାନ୍ତି
କୋଦାଳ, କୋଡ଼ି ମହଣ ମହଣ ମାଟି
ଠିଆ ହୋଇଯାଏ ବାବୁ, ଭୂୟାଁଙ୍କର
ରାଜା ପରି ଉଆସ
ଆମେ କିନ୍ତୁ ଯେଉଁଠି ସେଇଠି
ସୂର୍ଯ୍ୟ ପରି ଏକ ସ୍ଥିର ବିନ୍ଦୁରେ

ଈଶ୍ୱର ମହା'ପ୍ରଙ୍କର ଯେ'
ଭେଦଭାବ ଖେଳ ବିଷୟରେ
ପଚାରିଲେ ହିଂସ୍‌କୁଟିଆ
ଉତ୍ତର ମିଳେ–
"ଯେ ତୋ ବଉଁଶକୁ ଅଭିଶାପର ଫଳ
ଯେ' ତୋ ଏବେକାର କର୍ମଫଳ
ଲୁହ ଢ଼ାଳିବାକୁ, ଲୁହ ପିଇବାକୁ
କେଉଁ ଅନନ୍ତ କାଳରୁ
ଅଦୃଶ୍ୟ ବିଧାତାର ଭୋଜବାଜି ଖେଳ ।"

❐❐❐

କବିତାର ସୁଧଚକ୍ର

ଚକ୍ରବୁଦ୍ଧି ସୁଧ ପରାୟେ ସାହିତ୍ୟ ।
ଯେତେ ସୁଧ ଗଣିଲିଣି
ଜମା କିନ୍ତୁ ଛିଡୁନି ।
ଶବ୍ଦର ସାହୁକାର ଗଣିନିଏ
ପଉଟି ପଉଟି କବିତା
ଛନ୍ଦ ଓ ଶାଢିକତାର ପିଆଦାମାନେ
ଦାଣ୍ଡ ପିଣ୍ଡାରେ ବିଜେ
ନଜର କରୁଥାନ୍ତି ଗୃହସ୍ଥ ମଣିଷର
ମାଇପି ସଂସାର

ସନ୍ତକ ଖାତାରେ ଗଢୁଥାଏ
କବି ବୋଲି ମଣିଷର
ଚେତନାର ନିର୍ଲିପ୍ତ ଅକ୍ଷର
ପ୍ରକାଶିତ ହେଲେ କବିର କବିତା
ଡିଂଗୁରା ବାଜେ ଗାଁ ଦାଣ୍ଡରେ
ବିଚାରା କବି ଦୌଡ଼େ ଶବ୍ଦମାନଙ୍କ ସହ
ଗାଁ ବିଲବଣ ନିଛାଟିଆ ଦ୍ୱିପ୍ରହର

ଏକ୍ଲା ଏକ୍ଲା ମନ ଶବ୍ଦର ସହରରେ
ଟ୍ରଲିଟା ଡୋ ଟେପ୍ ପାଣି ପିଏ
ଶବ୍ଦର ଯାଦୁକରୀ ସମ୍ରାଟ
ବଡ଼ ଖିଟିମିଟିଆ ଯେ' ସାହୁକାର
ବେଳ ଅବେଳ ନାହିଁ ବଜାଏ ଡିଂଗୁରା ଗୋଛାଏ ତ ସାହି ମୂରଲୀ
ଯା'ର ନିଘା ନ ଥାଏ
କୋରକୀ ଧ୍ୱନୀରେ ଥରୁଛି ମୋ ସାହିତ୍ୟ ସଂସାର

ନିଲାମ ହେବକି ଆରମ୍ଭରୁ ପ୍ରାନ୍ତ
କବିତାର ସବୁ ଗନ୍ତାଘର ।

❐❐❐

ମାଟିର କବିତା

ଦେଶ ଗୋଟେ ଭୂଗୋଳର ମାଟି ପିଣ୍ଡୁଳା ନୁହେଁ
ପନ୍ଦର ଦିନ ଗଡ଼ଣରେ
ଆପଣେଇ ନେବ ବିସର୍ଜନ
ପୁଣି ଖାଁ ଖାଁ ବିଜନତାର
ବିକଚ କଷଣ
ସହିଯିବ ଏହି ଧରା ଆଉ ଧାରା,

ଦେଶ ଗୋଟେ କଣ୍ଟାଦିଆ ବାଡ଼ର
ବିପର୍ଯ୍ୟସ୍ତ ଗ୍ଲୋବ ନୁହେଁ
ଅକ୍ଷାଂଶ, ଦ୍ରାଘିମା ଓ
ଶୂନ୍ୟତାର ଗ୍ରୀନଚ୍ ନୁହେଁ
ଯିଏ ନିର୍ଦ୍ଦିଷ୍ଟ ଋତୁର ଫୁଲ ଫଳ ନୁହେଁ
ସିମ୍‌ଳା ଚୁକ୍ତିର ବାରମଜା ପୁଡ଼ିଆର
ଅବୋଧ ପରିଚୟ ନୁହେଁ,
ଦେଶ ବରଂ ଦଶ ଯଶର
ପୂତ ପବିତ୍ର ଯଜ୍ଞଶାଳା
ଯେଉଁଠି ଧୂଆଁରେ ମିଶି ଯାଉଥାଏ
ବ୍ୟକ୍ତି ପରିଚୟ, ଠିଆ ହୋଇଥିବା ଶତାବ୍ଦୀର ଠିକଣା

କୁରୁପାଣ୍ଡବ ଠୁ କମ୍ୟୁନିଷ୍ଟ କଂଗ୍ରେସ
କେବେ ଠୁଁ ହୋଇଲେଣି ବିଦା
ମାଟି ଛାଏଁ ମାଟି
ଗାୟତ୍ରୀ ମନ୍ତରେ ମଗ୍ନ
ରାଷ୍ଟ୍ରର ଅସ୍ପିତାରେ ଛନ୍ ଛନ୍

ବ୍ୟକ୍ତିର ଆତ୍ମବୋଧ
ଯାହା ସବୁ ଅଣୁ ଆକାରରେ
ମୁନ୍ଦାଏ ପାଣିରେ ବିଲୀନ
ସବୁ ଇମାରତ ହୋଇଯାଏ
ପବନରେ ନିଲାମ
ବିନା ସର୍ତ୍ତେ ସଇକର୍ତ୍ତା
ଦେଇ ଦେଉଥାଏ ଟିପ
ଫେରିବାକୁ ହେବ ଜାଣି
ଉଜାଣି ସମୁଦ୍ର ମଧ୍ୟକୁ,
ଭାବୁଥାଏ : ଭରା ସମୁଦ୍ରରେ
ଥାଏ କେଉଁ ବିନା ନିମନ୍ତ୍ରଣ ପତ୍ର
ଦେଶ ବୋଲି ନାଁଟିର ଯେ
ମହାକାଳ କାପାଳିକର କପାଳରେ
ନିରୁଦ୍ଦିଷ୍ଟ ଅସ୍ତିତ୍ୱ ଲିଭିବ ॥

❐❐❐

ଶବ୍ଦମୟ ସାମ୍ରାଜ୍ୟର ଅବୁଝା ବାଦଶାହା

କମଳାକାନ୍ତ କହିଲେ : ଗୋଟେ ଶବ୍ଦର ଫସିଲ ।
କମଳାକାନ୍ତ: ପେଗ୍ ପରେ ପେଗରେ
ଦେଖିଲେ ଶବ୍ଦମାନଙ୍କୁ କବିତାରେ ସିଝାଉଥିଲା
ଭାସିଲେ ସିଝଉଥିବା କୋଣାର୍କର ବିଂଧାଣୀ
କମଳାକାନ୍ତ ଭାସିଲେ ଆମକୁ, ଜନଜଗତ୍ରଙ୍କୁ କିନ୍ନରମାନଙ୍କୁ ବି
ଘଣ୍ଟା ଘଣ୍ଟା ଆବିଷ୍ଟ ମୁଦ୍ରାରେ
ଢ଼ାଙ୍କି ପକଉଥିବା ବେନାମୀ ବାଦ୍‌ଶାହା ।

ଲକ୍ଷ୍ମୀକାନ୍ତ : କମଳାକାନ୍ତ
ନିତ୍ୟାନନ୍ଦ ପତି : ମହାପାତ୍ର ନିତ୍ୟାନନ୍ଦ
ଚିନ୍ତାମଣି : ପାଣି ଜଗନ୍ନାଥ
ଦିବ୍ୟସିଂହ : ପ୍ରଧାନ ଅବନୀ
ସାମଲ ଅଚ୍ୟୁତାନନ୍ଦ : କବି ହୃଦାନନ୍ଦ
ଆଗପଛ ସବୁ ସିଢ଼ି ପାହାଚରେ
ଛୁଇଁବାକୁ କବିତାର ଇନ୍ଦ୍ରଧନୁ ॥

ସଭିଏ ସଭିଙ୍କୁ ତ ଠେଲନ୍ତି
ପାଇବାକୁ ବସ୍‌ର ବେଶ ଭିଡ଼ରେ
ସାହିତ୍ୟର ସିଟ୍ ।
କହୁ କିଏ - କଳଙ୍କର ମୋହର
କାହା ପିଠିରେ ଲଗାଇ ବୁଲିଛି ପୁରୀରୁ ପୁରୁଣାବଜାର
ପାଗଳ ପଣରେ ବଳରାମ ଦାସ ପରି
ବେଶ୍ୟାପଡ଼ାରୁ ନନ୍ଦିଘୋଷରେ ଦଇତାଙ୍କ କହୁଣୀ ଖାଇଛି

ନିସର୍ଭ ପ୍ରେମର ପାଉତି କାଟିଛି
ସେ କମଳାକାନ୍ତଙ୍କ କି ମୁଦୁଲି ବସନ୍ତ
କବିତାର ନାଦବ୍ରହ୍ମରେ ମେଦିନୀ
ଥରାଇ ଦେଇଛି ।

ହେ କମଳାକାନ୍ତ ! ଚିରକାଳ ତ କମଳାଙ୍କୁ
ରସଗୋଲା ଦେଇ ବିମୁଗ୍ଧ କରିଛ
ଫର୍ଦ୍ଦ ଫର୍ଦ୍ଦ କବିତାରେ ଶବ୍ଦଖେଳ ରଚିଛ
କେଉଁଦିନ କାନ୍ତପଣରେ
ଗୋଟେ ଦଦରା କାନ୍ଥକୁ ଆଉଜି ଯାଇଛି
ଇଚ୍ଛାପୁର ଛକରେ ଇଚ୍ଛାମାନଙ୍କୁ ନିର୍ବିକାରରେ ବାଣ୍ଟିଛ ଚିତ୍ତରେ
ନୀରୋଳ କବିଟିଏ ବୋଲି ଦେଖେଇ ହେଇନ
ବରଂ ତୁମକୁ କବିଟିଏ ବୋଲି ପାନଦୋକାନୀ ବି କହୁଛି
‘ଲେଙ୍କାସାରଙ୍କ ଘର ଛକ’ ବୋଲି
ଟ୍ରେକର ହେଲପର ବି ଜାଣେ
ବ୍ରଜସାର୍, ଶଶଧର ସାର୍ ସମସ୍ତେ ଜାଣନ୍ତି
ପ୍ରଣତି କରନ୍ତି ॥ ସ୍ମରଣ କରନ୍ତି । ଓଡ଼ିଶା ବି ଜାଣେ ।

❐❐❐

ଦୁଃଖ ଖୁବ୍ ମର୍ମଗତ

ହୃଦୟର ଉଆସ ଭିତରେ
ଦୁଃଖର ଶବ୍ଦମାନଙ୍କୁ
ଯେତେ ବସାଣ କଲି
ଶବ୍ଦମାନେ ଟଳି ପଡ଼ିଲେ
ଟୋପା ଟୋପା ଲୁହ ଆକାରରେ ॥

ଅସହାୟ ଆଖିର କୋଣରୁ
ହୃଦୟ ଟିକେ ଦାମିଲା ଯାଏ
ଲୁହମାନେ ନ ପାଲଟିବାକୁ
ତରଳ ଦୁଃଖର ଠିକଣା
ଯେତେ ନେହୁରା ହେଲି
ହୃଦୟ କି ବୁଝେ ଯନ୍ତ୍ରଣାର
ବିନ୍ଦୁ କି ବିସର୍ଗ ॥

କେହି 'ସ୍ମୃତି' ବୋଲି ଚରିତ୍ରଟିଏ
ସାମ୍ନାରେ ଆଙ୍କିଦିଏ ମୋର
ମୋ ଗର୍ଦ୍ଧନରେ କୁରାଢ଼ୀ
ଆପଣା ହୃଦୟ ଯଦି ଚିରକାଳ ଅଦୃଶ୍ୟ
କ'ଣ ପାଇଁ ଲୁହମାନେ କରନ୍ତି ଜଂଜାଳ
ଖୋଲିଯାଏ ଭାନୁମତୀ ପେଡ଼ି ପରି
ସ୍ମୃତିର ପେଟରା
ବିଚାରା କାଲୁବାଲୁ ହେଉଥାଏ
ଅଶିଣର ସକାଳ ॥

ଶେଷରେ ଆଶ୍ୱାସନାର ଚିତ୍ରସବୁ
ଆଙ୍କିଦିଅନ୍ତି ଘର, ପଡ଼ିଶା ମୁରବୀ ମଣିଷ
'ଯା ! ଏତିକିରେ ଅଧଇର୍ଯ୍ୟ ହେଲେ
ସଂସାର ଚଳିବ'
ପବନରେ ମିଳାଇ ଯାଉଥିବ
କେଉଁ ଉପନିଷଦର ଗନ୍ଧ
କାଂଧ ଗାମୁଛାରେ ଝାଡ଼ି ଦେଉଥିବେ
ତିଆଡ଼ି ଗୋସେଇଁ ଦୁଃଖର ଅଳଂଧୁ ଯଜ୍ଞମଣ୍ଡପରେ
ବଦଳେଇ ଦେଉଥିବେ ସୁଧୀ ବୃନ୍ଦେ
ଶିଳାଲିପିର ମଂଜପକା ଅର୍ଥ
ଆଧୁନିକ କବିତାର ବହୁମୁଖୀ ତତ୍ତ୍ୱ ॥

❐❐❐



ବିଦାୟୀ ସୂର୍ଯ୍ୟ


ମାଉଳିଳା ଫୁଲ ପରି
ସୂର୍ଯ୍ୟାସ୍ତ ନଇଁ ଯାଉଛି
ସଚରାଚର
କ୍ରମଶଃ କ୍ରମଶଃ ପାହାଡ଼ ସଂଧୀର ଅନ୍ଧାରରେ ।

ମୁଣ୍ଡିଆ ପାହାଡ଼ରେ
ଟୀକା ଗୋବିନ୍ଦଚନ୍ଦ୍ର ଅନେଶତ
ରାଣୀଙ୍କର ଦୁଃଖର ମୁହୂର୍ତ୍ତ
ସମୟର ସାଉକାର
ଧରାଇ ଦେଲାଣି କୋରକି ନୋଟିସ
ପଇଠ କରିବାକୁ
ତମାମ ଜୀବନର ମୂଳଜମା ସହ କଳନ୍ତର ॥

ହାତରୁ ହୁଗୁଳା ହେଇଯାଉଛି
ସଂସାରୀ ପଣର କୃପଣ ଓ କଣ୍ଟକବାଲାର କୃପାଣ
କାହାକୁ ପଚାରି ହେବ ଏବେ
କିଏ କହିଥିଲା ଆସିବାକୁ
କିଏ କହୁଛି ଏବେ ବାହୁଡ଼ିବାକୁ
ପଛରେ ଛାଡ଼ି
ମୋହାଚ୍ଛନ୍ନ ଯାବତୀୟ ଦୃଶ୍ୟ ଅଦୃଶ୍ୟମାନଙ୍କୁ ॥

ଇଚ୍ଛା ନ ଥିଲେ ବି ଶୈଶବ କାଳେ
ପ୍ରାଇମେରୀ ସ୍କୁଲକୁ ଯିବା ପରି
ଯିବାଟା କିନ୍ତୁ ଥୟ
ଯେତେ ଯିଏ ମାୟାମୋହର
ଟାଙ୍କ ମାରୁ
ଲୁହ ଓ ଲହୁରେ ଭସାଇ ଦେଇ
ସ୍ମୃତି - ବିସ୍ମୃତିର ବ୍ୟାନର ଟାଙ୍ଗୁ
ବାହୁଡ଼ିବା ନିଶ୍ଚେ
ଏକ ଅଦୃଶ୍ୟ ପାଞ୍ଜି ଗଣନାରେ
ଯାହାର ଯେତେବେଳେ ପାଳି ତ ଆସିବ ॥

❐❐❐



ନିଲାମ

ସହରରେ ସୁଖ ନିଲାମ
ଗାଁରେ ଦୁଃଖର ନିଲାମ
ଠାକୁରାଣୀ ଦାଣ୍ଡରେ ବାଉଁଶ ନିଲାମ
ଫାଇଭଷ୍ଟାରରେ ମାଉଁସ ନିଲାମ
ଡାକ୍ତରଖାନାର କୁଆଁକୁଆଁ ଶବ୍ଦ ବି
ନିଲାମ

ଗାଁରେ ତ ମରଣ ବିନା ଇନ୍‌ସୁରାନ୍ସ ଜୀବନ
କେହି ମରିଗଲେ
ଆଗେ ହିସାବ ହୁଏ ଆମ ବଂଚିଲାବାଲାଙ୍କ
ଭବିଷ୍ୟତ କ'ଣ
ସବୁ ସୁଖର ଫରୁଆ ଧରି କପାଳ ସହ
ଚୁକ୍ତିବଦ୍ଧ ସହରୀ ପାଣିପବନ

ରିହାବିଲେସନ୍‌ରେ ପ୍ରଥମେ କଉଁପୁଅ
ଚାକିରୀ କରିବ
ଏଲ୍. ଆଇ. ସି.ର ପ୍ରଥମ ନୋମିନି କିଏ
ଡୁମୁଡୁମା ହାଉସିଂବୋର୍ଡ଼ର ଘର ପ୍ଲଟ
କା' ନାଁରେ ଅଛି
ପବନର ସଂଧିରୁ ବି ଖୋଜା ହୁଏ
ମୃତ ବାପାର ବ୍ୟାଙ୍କ ଆକାଉଣ୍ଟ
ଏଗାର ଦିନରେ ମାଉସୀ ମା' ମନ୍ଦିର କି
ନୃସିଂହ ନାରାୟଣ ମନ୍ଦିରରେ

ବଇନା ଦିଆହୁଏ ଅରୁଆ ଅନ୍ନ ପ୍ରସାଦ
ଘରର ଜ୍ୟେଷ୍ଠ ମୁରବୀ
ତା'ପରେ ହିସାବ ହୁଏ
ସଂପତ୍ତିବାଣ୍ଟରୁ
କିଏ କେତେ ପାଇବ ?

'ଦୁଇଶ' ଗଂଗା କାର୍ଡ଼ ଛାପି
ବାଣ୍ଟି ଦେଲେ ଦାୟିତ୍ୱ ଶେଷ
ଆମନ୍ତ୍ରିତମାନେ ଆସିଲେ ଭଲ ନ ଆସିଲେ, ବହୁତ ଭଲ ।
ଚନ୍ଦାମୁଣ୍ଡକୁ ଲଜ୍ଜାରେ ନାରୀର ବକ୍ଷୋଜ ପରି
ବିଦେଶୀ ଟୋପି ଯା' ଲୁଚାଉଥାଏ ।

❐❐❐



ବାପା

ବାପା

ମୋ ପରିଚୟର ନଥିପତ୍ର
ତାଙ୍କ ସ୍ଥାବର - ଅସ୍ଥାବର ସଂପତ୍ତିର
ମୁଁ ଉତ୍ତରାଧିକାରୀ
ଅବିଭାଜ୍ୟ ତାଙ୍କ ହାଡ଼ରକ୍ତ ମାଂସ
ମୋ ସମଗ୍ର ସତ୍ତାର
ତାଙ୍କ ଲହୁ - ଲୁହାଣ ଉପନ୍ୟାସର
ମୁଁ ମହୁ ଓ ମୁହାଣ
ମୋ ଅଙ୍କିତ ସମଗ୍ର ଜ୍ୟାମିତିର ମୂଳବିନ୍ଦୁ ॥

ମୁଁ ଜାଣେ,
ଜୀବନର ଅନ୍ତିମ ଲଗ୍ନଯାଏ
ଲେଖା ହେଉଥିବ:
ଅମୁକେଇ ପିତା ସୁମୁକେଇ
ମୃତ୍ୟୁର ନିଶ୍ଚିହ୍ନ ପାଣିଫୋଟକାରେ ବି
ଦରଜ ହେଉଥିବ ବାପାଙ୍କ ଡାକ ଠିକଣା ॥

ସେ ପୋତିଥିବା କଦଳୀମୂଳରୁ
କଂଚଉଥିବ କେତେ କେତେ ବଂଶଲତା
ତାଙ୍କ ବାଉଁଶ, ନଡ଼ିଆ ବାଡ଼ିରୁ ଫଳୁଥିବ
ବାପାଙ୍କ ପରି ମୁରବୀର ଫଳମୂଳ
ତାଙ୍କ କୂଅମୂଳରେ ବାସ୍ନାରେ ଭାଂଗି ପଡୁଥିବା
ମଲ୍ଲିଗଛ ଆଉଁସି ଦେଉଥିବ ମୋ
ରୁଦ୍ରଦଗ୍ଧ ନାବାଳକ କପାଳ ॥
ଗାଁରେ, ହାଟରେ, ଘାଟରେ



ଯେଉଁଠି ଯାହାକୁ ପଚାରିଲେ ବି
ପ୍ରଶ୍ନକୁ ନ ମିଳେ ଉତ୍ତର
କୁଆଡ଼େ ଗଲେ ବାପା
ପାଶୋରି ତାଙ୍କ ନିର୍ମୋକ ସଂସାର
ଏତେଦିନ ହେଲା ଗଲିଣି ଯେ
ଫେରିବାର ନାଁଗଂଧ ଶୁଭୁନି
ତାଙ୍କ ଲୁଗାପଟା, ହାତଘଣ୍ଟା
ଚଷମା ଓ ଚପଲ, ଧୋତିଜାମା ଓ ଠାକୁର ଖଟୁଳି ବିନା
ଏବେ ଲାଗେ ଭାରି ଖାଁ ଖାଁ ସବୁ
ତାଙ୍କ ଏରୁଣ୍ଡିବଂଧକୁ ଯେତେବେଳେ
କରେ ଅତିକ୍ରମ
ଶୁଣେ, ଧୋତି ପିଂଧା ମଣିଷର
ଅଧାପଢ଼ା ଭାଗବତ, ରାମାୟଣ ॥

❐❐❐

ବାପା-୨

ବାପା ଧୋତି ପିଂଧିଲା ବେଳେ
ଦାଣ୍ଡ ପିଣ୍ଡାରେ ବଗ ଦଳଟିଏ
ଧାଡ଼ି ଧାଡ଼ି ହୋଇ ବସିଯା'ନ୍ତି
ପରସ୍ପର ଦେହରେ ହାତମାରି
ଗୋଛାଏ କାଶତଣ୍ଡୀଫୁଲ
ବର୍ଷା ଟୋପାମାନଙ୍କୁ ନିଭେଇ
ଦିଅନ୍ତି ଅଚିରେ

ମୁଁ ଦାଣ୍ଡ ଧୂଳିରେ ଗାଧଉଥାଏ ନିଜେ ନିଜେ
ଏବଂ ଭାବୁଥାଏ କେବେ ଦିନେ
ବାପାଙ୍କ ପରି ବୟସ୍କ ମୁରବୀ ପରି ମୁକୁଟ ପିଂଧିବି
ମୋର ଧୂଳି ବଲ ବଲ ଚେହେରାକୁ
ବାପା ସ୍ୱାଗତ ନ କଲେ ବି ଆଉ
ମୁରବୀ ପଣର ଆଖି ମୋତେ
ଧୂଳିରୁ ଉଠାଇ ନିଏ ନଈକୂଳ ଘାଟକୁ
ଦଣ୍ଡ ଦିଅନ୍ତି : ଏକ ନୀରବ କଟାକ୍ଷରେ

ବାପା: ମେଂଚାଏ ଆଶ୍ୱାସନାର ଅମ୍ଳଜାନ ତ
ପୁଣି ତାଗିଦା କରିବାର ମେଘନାଦ ପାଚେରୀ
ଯାହାକୁ ମୁଁ ପାରେନାହିଁ ଡେଇଁ
କଇଁଛ ପରି ବସି ରହେ ଦାଣ୍ଡପିଣ୍ଡାରେ
କାକୁସ୍ଥ ମୁଦ୍ରାରେ

କେତେବେଳେ ବାପା ହେବେ ଆଖିରୁ ଅନ୍ତର ।

ସମୟ ଏମିତି ନେଇଗଲା ବାପାଙ୍କୁ
ଚିରଦିନ ଆଖିର ସାମ୍ନାରୁ
ଏବେ ବାପାଙ୍କ ଜାଗାରେ ମୁଁ

ହେଲେ ନାହିଁ କେହି ଜଣେ
ତାଗିଦା କରିବାକୁ
ଚିରକାଳ ଦଣ୍ଡ ବି ଦେବାକୁ ।

❐❐❐



ବାପା-୩

ଆଜି ଅଗନାଅଗିନି ବନସ୍ତରେ
ବାପାଙ୍କ ପରିଚୟ
କଳାରଂଗ ମେଘଖଣ୍ଡେ ଢ଼ାଙ୍କି ଦେଇଛି
ତାଙ୍କ ତମାମ ଶରୀର

କଟକ ବଡ଼ ଡାକ୍ତରଖାନାରେ ଶୋଇବି
କହୁଛନ୍ତି : ମୁଁ ଅଛି କେଉଁଠି
ମୋତେ ନେଇ ଚାଲ ଆମ ଗାଁ ମଂଗରାଜପୁର

ଏବେ ଜୀବନ ଗୋଟେ ଫୋଟକା ପରି
ଦହଗଂଜ କରୁଛି ବାପାଙ୍କୁ
ସାଲାଇନ୍ ବୋତଲ, ହରେକ ପ୍ରକାର ଇଂଜେକସନମାନେ
ସତେକି ଉଭା ହେଲେଣି ଯମଦୂତ ସମାନ
ଫାଳେ ଝିଙ୍କୁଛନ୍ତି ସେମାନେ
ଆଉ ଫାଳେ ଆମେ

ମଝିରେ ବାପାଙ୍କର ବାର୍ଦ୍ଧକ୍ୟର ସଂକୁଚିତ ଶରୀର
ପୂର୍ବପରି ଆକଟ କରୁଥିବା ଆଖିଯୋଡ଼ାକ
ଏବେ ଭୟାର୍ତ୍ତ ମଧ୍ୟରେ ଆତଯାତ
ଯାହାଙ୍କ ପାଦରେ ଚାଉଳଟିଏ ଲାଗିଲେ
ବଉ, ନାନୀମାନଙ୍କୁ ତାଗିଦା କରନ୍ତି ବଜାର ଫେରିଲା ପରେ
ସେ ଆଜି ନିଃସ୍ୱ ପୃଥିବୀର ନିସଂଗ ପଦାତିକ
ଛିଡ଼ାଇ ଦେବାକୁ ବ୍ୟାକୁଳ
ସାଲାଇନ୍ ବୋତଲ ସହ ପାଇପ୍‌ର ସଂପର୍କ

ଯିଏ ଦିନେ କୁଂଚ ନ ପଡ଼ିଲେ

ଧୋତି ପିନ୍ଧୁ ନ ଥିଲେ
ସେ ଏବେ ଖଣ୍ଡେ ଗାମୁଛାରେ ସୀମିତ
ବେଳେବେଳେ ଘୋଡ଼ିଥିବା ଚଦର ତଳେ
ନିଶୂନତାର ଲଂଗଳା ଶରୀର
ସଂସାରୀ ମାୟାରେ ତାଙ୍କୁ ଜଗିଥିବା ମଣିଷମାନେ
ଢ଼ାଙ୍କୁଥାନ୍ତି ତାଙ୍କ ଗୁପ୍ତାଂଗ ଇତ୍ୟାଦି
ଯାହାର ଯୌନତା ଆଜିକାଲି ସୁଦ୍ଧୁ ଅର୍ଥହୀନ

ବାପା ! କୁଆଡ଼େ ହଜାଇ ଦେଲ
ତୁମ ଅତୀତର ଭରା ଭରା ସଂସାର
କର୍ତ୍ତବ୍ୟନିଷ୍ଠ ବହୁକୁଟୁମ୍ବୀ ପରିବାରର ମୁରବୀ ପଣିଆ

ଗାଁ ନ୍ୟାୟ ନିଶାପର ବିଦ୍ରୋହୀ ହୃଦୟ
ଆମ ଆଖି ସାମ୍ନାରେ ତୁମ ପରାଜୟ ଗୀତିକା
ଗାଉଛି ସମୟର ଡାହୁକ

ସତରେ ଏତେ ଶୀଘ୍ର ହାରିଗଲ
ଶେଷ ବାଜିର ଖେଳରେ ବାପା !
ନଇଁ ପଡୁଥିବା ସୂର୍ଯ୍ୟଙ୍କୁ କିଏ
ଆମ ପାଇଁ ଖୋଜିବ
ତାପରେ ତ ରାତି, ଘନ ଅମାରାତି
ମୁହଁକୁ ମୁହଁ ଚିହ୍ନି ପାରୁ ଥିବାର
କେବଳ ବିକଳ ମୁହୂର୍ତ୍ତ ॥

❐❐❐

ବାପା-୫

ବାପା !

ଏତେ ଦିନ କୁଆଡ଼େ ଯାଇଛ
କଲିକତା ନା ରାଣୀତାଲ
ତିହିଡ଼ି ନା ପାଟବିଲ ? କେଉଁଠିକି
ଆଉ ଦର୍କାର ନାହିଁ
ବ୍ରିଟାନିଆ ବିସ୍କୁଟ କି କଲିକତି ଚେନାଚୁର
ଏବେ ତୁମେ ଫେରିଆସ
ବସା ଫେରନ୍ତା ମୁରବୀ ଚଢ଼େଇଟେ ପରି
ଖାଲି ତୁମ ଉପସ୍ଥିତିର କଳସ
ବସିଥାଉ ହୃଦୟର ଦାଣ୍ଡ ପିଣ୍ଡାରେ
ବାସ୍ ! ସେତିକି ତ ସୁରକ୍ଷା କବଚ ।
ତୁମ ଯତ୍ନର ବେଦପୀଠ
ଆଉ ଚାଳଘର ନାହିଁ କି
ଟପ୍ ଟପ୍ ଝରୁଥିବା ଚାଳପାଣିଙ୍କୁ
ରୋକିବାକୁ ଖୁଂଚା ମାରିବାକୁ ପଡୁନି
ଏବେ ନିର୍ଦ୍ୱନ୍ଦରେ ଗାଇବ
ଜଗନ୍ନାଥ ଦାଶଙ୍କ ଗୀତା ଭାଗବତ
ଆଜିକାଲି ଗରମ ଗରମ ଭାତ ଥାଳିରେ
ଆଉ ଉହ୍ଲେଇ ପଡୁନି
ମାଘୁର ମାଛର ଆମ୍ବୁଲ ଦିଆ ତର୍କାରୀ
ଏବେ ଘରକୁ ପଶିଲେ
ତୁମେ ମୋତେ ତାଗିଦା କରୁନ
ମୁଁ ହାଇସ୍କୁଲ ପଢ଼ା ପିଲାଟିଏ ପରି
ହେଲେ ଭାବିପାରୁନି
ତୁମେ ଆଉ ଖଟିଆରେ ଶୋଇନ କାହିଁକି ?
ମେଂଚେ ବିଲେଇ, କୁକୁର
ଘେରି ପଡୁନାହାନ୍ତି ଏବେ
ତମାମ ଭାତଥାଳି ପାଖରେ
ବାପା ! ମୋତେ ସଂସାରକୁ ଡାକି
ପୁଣି ସଂସାର ଶୂନ୍ୟ କଲ କିଭଳି
ଜଲ୍‌ଦି ଆସ !
ଜ୍ୟୋତି ବସ୍ ଛାଡ଼ିବା ଉପରେ
ତିହିଡ଼ି ବଜାର ବସ୍‌ଷ୍ଟାଣ୍ଡରୁ ।
ତୁମ କଥା ଭାବି ନେଲେ
କାହିଁକି ଜକେଇ ଆସେ ଲୁହ

ନିଃଶ୍ୱାସ ପରି ଖୁବ୍ ନିକଟରେ ଥାଅ
ତୁମ ଆସିବାକୁ କିଏ ଅଟକାଇଛି କୁହ
ଲୁହମାନେ ଆଖି ଯୋଡ଼ାକର ଏତେ ଗହୀରରେ
କେଉଁଠି ଲୁଚିଛପି ଥା'ନ୍ତି ଯେ
ତୁମ ସ୍ପନ୍ଦିତ ମୁହଁ ଚାହିଁଦେଲେ ସ୍ୱପ୍ନରେ ସ୍ୱପ୍ନରେ
ଜଣେ ଭର୍ତ୍ତୃହରିଙ୍କ ଜଙ୍ଗଲ ପଳାୟନ
ବୃତ୍ତ ପରି ଲାଗେ,
ବର୍ଷା ଛାଡ଼ିଗଲା ପରେ
ଦୀର୍ଘାନ୍ତରେ ଝରି ପଡୁଥିବା ଟୋପା ଟୋପା ଜଳ
ମୋତେ ବତୁରାଇ ଦିଏ ସଦାକାଳ
ମୁଁ ଆକ୍ରାନ୍ତ ହୁଏ
ଅବିଶ୍ରାନ୍ତ ହୁଏ, ମୋତେ ଛାଡ଼ିଦିଅ ବାପା
ନଈସାରା ଜଳରେ ପହଁରିଯାଉ
ମୋ ନିର୍ଲିପ୍ତ ଶୈଶବ
ତୁମ କଥାରେ କାନ, ନାକରେ ଆଂଗୁଳି ଗେଂଜି ଡୁବ ଦିଏ
ହେଲେ ଗଭୀର ଗଣ୍ଡ ପାଇଁ ବାପା
ହାତ ଜମା ଛାଡିବନି
ନିରେଖୁ ଥିବ ମୋର ଜଳସ୍ନାନ ଜୀବନକୁ ।
କେବେ ଠୁ ଗଲେଣି ବାପା ମୋର
ଏକାନ୍ତ ଆତ୍ମୀୟ ତାରାଟିଏ
ଛାତିଟିଏ ଛୁଇଁ ଯାଉଛି ତାଙ୍କ
ସଫଳ ପିତୃତ୍ୱର ଭୈରବୀ ରାଗ
ଗାଲରେ ଚାପୁଡା ତ ପୁଣି
ହାତଥାଳି ପାଖରେ ସ୍ନେହର ନିର୍ମାଲ୍ୟ
ଜାଣେ !

ବାପା ମୋ ଆଗରୁ
ପୃଥିବୀକୁ ଆସିଥିଲେ
ଚାଲିଗଲେ ବି ଆଗେ
ଯେତେ ଖୋଜିଲେ ବି ମିଳୁନି
ତାଙ୍କ ସଂପୂର୍ଣ୍ଣ ପୈତୃକ ଠିକଣା
ଥାଆନ୍ତୁ ! ଯେଉଁଠି
ଏ କପାଳବିହୀନ ପୁତ୍ରର କପାଳରେ
ଲେଖି ଦେଉଥିବେ ଏକ
ଛନ୍ଦୋବଦ୍ଧ ଜାତକ
କାଳକାଳକୁ ॥

❐❐❐

ସତ୍ୟ ହେ !

ସକଳ ସଜାଗ ସତ୍ତ୍ୱେ

ହାତେ ମାପି ଚାଖଣ୍ଡେ ଚାଲୁ ଚାଲୁ
ଗୋହିରା ଟିକିରିରେ
ତେଲେଙ୍ଗା ମୁକୁନ୍ଦଦେବଙ୍କର ସ୍ୱର୍ଗପ୍ରାପ୍ତି
'ମଙ୍ଗଳ ଭଗବାନ ବିଷ୍ଣୁ
ମଙ୍ଗଳଂ ମଧୁସୂଦନ'ଜପୁ ଜପୁ
ଅହମ୍ମଦାବାଦର ଅଟୋଭଡ଼ା ଠାରୁ ଶସ୍ତାରେ
'ମଙ୍ଗଳାୟନ' ପହଞ୍ଚିଲାଣି ମଙ୍ଗଳଗ୍ରହରେ

କେଉଁଠି ବି ଦଳେ ଏବେ ବି ଚଳାଇଛନ୍ତି
ଟଙ୍କାକିଆ ଚାଉଳର ସଂକୀର୍ତ୍ତନ ॥

ପ୍ରାୟ ଦି' ଚାଖଣ୍ଡରେ ବୋଧେ ହାତକର ଲମ୍ୱ
କେତେ ହାତରେ ଖୋଳା ହୁଏ କି
ମଶାଣୀର ଗାତ ?

ଗାତ ଖୋଳା ବେଳକୁ

ଅଗଣାଠୁ ଦାଣ୍ଡପିଣ୍ଡା ଯାଏଁ
ଘାରିଯାଉଥିବ ମୃତ୍ୟୁ ଚେତନାର 'ଟୀକାଗୋବିନ୍ଦ ଚନ୍ଦ୍ର'
ବାହୁନୁ ବାହୁନୁ ଈଶାରାରେ
କହୁଥିବ ଶାମବୋଉ
'ଶାମରେ ! ତୋ ବା'ହାତରୁ
ମୁଦିଟା କାଢ଼ି ତୁରୁଙ୍ଗରେ
ରଖି ଦେ'ରେ ଶ୍ୟାମ ।'

ଓଳିତଳେ ସନ୍ତସନ୍ତିଆ ହେଁସ ଖଣ୍ଡକରେ
ହଜିଯିବ ତୋ ଅତୁଲ୍ୟ ଶରୀର
ବିଶ୍ୱବିଜୟୀ ସମ୍ରାଟ ପରି

ନକୁଳ ସୁଇଁ କହୁଥିବ
: ଭଲା କଥା କହୁଛ ହେ ଗୌରା'ଇ
ସଂଜ ଦି' ଘଡ଼ି ହେଲାଣି
ଥଣ୍ଡାଦିନ, ସଅଳ ସଅଳ ମାଲ୍ ଭାଇ ଫେରିଲେ
ପିତା ପାଣି ପିଇବେ ।"

ଅର୍ଥଭୁକ ମଣିଷ
ଟଙ୍କା ଦି'ଶହ ଅଧିକ ପାଇବ ବୋଲି
ଘାଟିଆ ବାଭୁଣଟା ଲମ୍ବେଇ ଚାଲିଛି ରୀତି, ନୀତି
ତୋ ଶରୀରକୁ ଜାଳି ତୋତେ ନିଶ୍ଚିହ୍ନ କରିବାକୁ
ଏବେ ଚାଲିଛି ସଜିଲି -
ସେଥିରେ ତୋ ଭାର୍ଯ୍ୟା ଠାରୁ ଭଗାରୀ
ପୁଅ ଠାରୁ ପୁତୁରା
ସଭିଏଁ ସାମିଲ୍ ॥

ତୋତେ ଜାଳିବା ପାଇଁ କଂଚା କାଠ ଭିଆଣ
ଗଛର ମୂଷଳିଆ ଗଡ଼ ଢ଼େରା ଧିରା ଲାଗିବ
ସବୁଦିନକୁ ସେଇ କାଠ ସଜାଣରେ
ଶୋଇଯିବୁ ଯେ
ମଶାଣୀର ବିକ୍ଷିପ୍ତ, ଅଲୋଡ଼ା
ମଲାଗେଣ୍ଡା ଖୋଳପାରେ
ସାଇତା ହେବୁ 'ଶଲ' ବୋଲି ଟିପାଏ ମାଟିରେ
କାଳୀଘାଟୀ କି ପ୍ରୟାଗ ତୀର୍ଥରେ
ହଜିବା ପର୍ଯ୍ୟନ୍ତ ॥

ଏବେ ଗଛ ଚିହ୍ନଟ ଚାଲିଛି
ହଣା ହେବା ପାଇଁ
ଚିହ୍ନେଇ ଦଉଛି ତୋ ପୁଅ ଶାମ
ତୋ ଦ୍ୱାରା ଦିନେ ରୋପିତ ଓ ବର୍ଦ୍ଧିତ

କଇଁଆ କି କରଂଜ ଗଛରେ ଫୁଲ, କଡ଼ର ସମ୍ଭାର
ଆମ୍ବ, ଡାଳିମ୍ବ, ଜାମ୍ବଗଛ ଆଡ଼େ
ଚାହାଁନାରେ ପୁଅ
ଆଉ ବର୍ଷୁଟିଏ ସବରକର
ଫଳନ୍ତି ଗଛର ମୂଳ ଢ଼େର ॥

କୁଟା ଦଉଡ଼ି ବଳୁଛି ରଘୁ କକେଇ
ବାଉଁଶ ହାଣୁଛି ପରଭା ସେଠୀ
ତୋ ଦେହରେ ହଳଦୀ ମାଖୁଛନ୍ତି

ତୋ ପ୍ରିୟ ପରିଜନ ହିଂଜାରେ ହିଂଜାରେ
ଗୋସେଇଁଙ୍କ ଅକାଟ୍ୟ ନିର୍ଦ୍ଦେଶେ
ଯେଉଁ ଫଟା ତାଟିଆ ଖଟତଳେ ଥିଲା
ସେଇଥିରେ ଖାଇବୁ ଆଜି
ଶେଷଥର ଭାତ
ଯାହା ଯିବ ମଶାଣୀକୁ
ତୋ ସାଥେ ସାଥେ ॥

ଏବେ ଉଠ୍! ଛିଡ଼ାଇ ଦେ'ରେ
ମୋହମାୟା
ତୁଟେଇ ଦେ'ରେ ସକଳ
ମୁଆଁସ
ଭୁଲି ଯା' ଭୁଲିଯା' ସବୁ ମିଛ ଆଖିମାନଙ୍କୁ
ପାଶୋରି ଦେ' ଅର୍ଦ୍ଧାଙ୍ଗିନୀ ବୋଲି
ମଣିଷର ଲୁହଝରା ମୁହଁର ନକ୍ସା

ଯେମିତି ଏକାଏକା ଆସିଥିଲୁ
ସେଇମିତି ଚାଲି ଯା', ସେଇମିତି ଚାଲି ଯା' ।

❐❐❐

କବି ଛବି

କବିଟିଏ ଛବିଟିଏ
ଭିତର କି ବାହାର
ଗାଁ କି ସହର : ସବୁଠି ନିକଟ ଅନ୍ତର
କବି ତ ନିର୍ମାୟା ନିର୍ମାୟା
ଛବିଟିଏ ପରି
କେତେ କଥା କହୁଥାଏ
ନୀରବତାର ରଂଗଡ଼ୁଳୀରେ
ଲେଖନୀର ଶବ୍ଦର ମୋହରେ ॥

ଛବି ଆସେ ଛପି ଛପି
କେଉଁ ଗହ୍ୱର ବିଦାରି
ଗୋଟେ ଝଲକରେ ଲୁଚାଇ ଦିଏ ସୂର୍ଯ୍ୟଙ୍କୁ
କବି ଛିଡ଼ା କରେଇ ଦିଏ ମଣିଷମାନଙ୍କୁ
ନିଜ ପାଦବିଂଦୁରେ
ହଜିଯାଏ କେଉଁ ଅପାର୍ଥିବ
ଜଗତ ବିଳାସରେ

ଖୋଜି ଖୋଜି ସୂର୍ଯ୍ୟ,ଚନ୍ଦ୍ର
ଗ୍ରହତାରାମାନଙ୍କ ଠିକଣା,
ବର୍ଷା ବିନ୍ଦୁରେ ସଜାଏ
ଶବ୍ଦର ତାଆସ୍ ଘର
ଗଢୁ ଗଢୁ ଭାଂଗିଯାଏ
ଭାଂଗୁ ଭାଂଗୁ ଗଢ଼ିଦିଏ
ଶବ୍ଦର ଅଳକା ନଗର ॥

ଘୁଂଗୀ ଯୁବତୀ ପରି
ଯେ' ଯେମିତି ପଢୁଥାଏ
ଛବିଟିରେ ଝଲସୁ ଥାଏ
ବିନା ପ୍ରତିବାଦେ
ନିଲାମ ହୁଏ କଳାଟଙ୍କା
କଳାକାରର ଛବି ଓ କବିଙ୍କୁ ॥

❐❐❐

ଦଇବ

ଦଇବକୁ ପଚାରନା
କେଉଁଦିନ କୁଆଡ଼କୁ ଟାଣିବ ଦଉଡ଼ି

ଦଉଡ଼ି ବି ଛିଡ଼ିଯାଇପାରେ ଟାଣୁ ଟାଣୁ
ଦଇବର କିନ୍ତୁ ନିର୍ଦ୍ଧାରିତ କାମ ହାତକୁ ଗଲେ
ଦଇବ ବି ଦିନେ ଆଖି ଖୋଲିପାରେନା
ଦଇବ ଦି ଦିନେ ଶରଣ ପଶେ
ତିଆରନ୍ତି ତେଜସ୍ୱିୟତାରୁ ମୋହିନୀ ଦୁର୍ଗା
ତାରିବାକୁ ଇନ୍ଦ୍ର, ଚନ୍ଦ୍ର, ଅଶ୍ୱିନୀ କି ଅଗ୍ନି
ବନ୍ଦ ହୋଇଯାଏ ଅବତାରୀ ପୁରୁଷଙ୍କ ଚମତ୍କାରିତା ॥

ଫଟା କପାଳରେ ବତ୍ରିଶ ସିଂହାସନ
ବି ତୁଚ୍ଛା ତୁଚ୍ଛା ଲାଗେ
ଆଜିକାଲି ତ ପ୍ରତିମୁହୂର୍ତ୍ତ
ଫାଶୀ କାଠର ଜୀବନ
ଯେଉଁଠି ଚାବୁକ୍ ଧରି ଓହ୍ଲାଇ ଆସେ
ସମୟ
ନିରୋଳ ପ୍ରହରେ ସବାର ହୁଏ
ଫରାସ ବିଲର ବରଗଛରେ ଶୂନ୍ୟତାରେ ଝୁଲି ଝୁଲି
ଜିଇଥିବା ଆଇନାର ବ୍ରହ୍ମରାକ୍ଷସ
ମୋତେ ଆକ୍ରାନ୍ତ କରେ ।

ଅଣଚାଷ ପବନରେ ମୁଁ
ଆକ୍ତାମାକ୍ତା ହୁଏ
ହାତ ବଢ଼ାଉଛି ଲକ୍ଷ ଲକ୍ଷ ଯୋଜନର
ସୂର୍ଯ୍ୟ, ଚନ୍ଦ୍ର ତାରା
ଯେଉଁଠି ବିଶ୍ୱାସ ବିଶ୍ରାମ ନିଏ
ଜୀବନ ସାରା ॥

❐❐❐